## ଅବକାରୀ ବିଭାଗର ଚଢଉ; ୪ କୋର୍ଟଚାଲାଣ

**ବେତନଟୀ, ୩।୪(ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ବୁଧବାର ଭୋଗବାଟି ଏବଂ ଶୁଖିଲାହାର ଗ୍ରାମରେ ଚଢଉକରି ଚୋରା ଦେଶୀମଦ ଜବତ ସମେତ ଦୁଇଜଣ ଯୁବକ ସମେତ ଦୁଇ ମହିଳାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଶୁଖିଲାହାର ଗ୍ରାମର ଦୂର୍ଗା। ମହାନ୍ତର ସ୍ତ୍ରୀ ସୁମିତ୍ରା (୩୦) ଏବଂ ରାଜୁ ହାଁସଦାର ସ୍ତ୍ରୀ ପାର୍ବତୀ(୪୦)। ସେହିଭଳି ଭୋଗବାଟି ଗ୍ରାମରେ ଚଢଉକରି ସ୍ୱର୍ଗତ ବୃନ୍ଦାବନ ପାତ୍ରର ପୁଅ ଧରଣୀଧର (୪୨) ଏବଂ ହୃଦାନନ୍ଦ ସାହୁଙ୍କ ପୁଅ ସଞ୍ଜୟ କୁମାର ପାତ୍ର (୪୨)କୁ ଗିରଫ କରିଥିଲେ। ଗିରଫ ୪ ଅଭିଯୁକ୍ତଙ୍କ ନିକଟରୁ ମୋଟ ୫୬ ଲିଟର ଚୋରା ଦେଶୀମଦ ଜବତ କରାଯିବା ସହିତ ପୃଥକ ଭାବରେ ୪ଟି ମାମଲା ରୁଜୁକରି ସ୍ୱାସ୍ଥ୍ୟପରୀକ୍ଷା ପୂର୍ବକ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି।

## ବିପୁଳ ପରିମାଣର ବିଦେଶୀ ମଦ ଜବତ



**ସାରସକଣା/ଜାମଶୋଳା, ୩।୪(ସମିସ):** ତିନି ରାଜ୍ୟର ସୀମାନ୍ତରେ ଦିନକୁ ଦିନ ଝାରପୋଖରିଆ ଅଞ୍ଚଳ ବେଆଇନ୍ କାରବାର ହେଉଛି। ତେବେ ବିଶେଷ ସୂତ୍ରରୁ ଖବର ପାଇ ଝାରପୋଖରିଆ ପୁଲିସ ଲଗାତାର ଭାବରେ ବେଆଇନ୍ କାର୍ଯ୍ୟ ଉପରେ ଚଢ଼ଉ କରୁଛି; କିନ୍ତୁ ମଙ୍ଗଳବାର ରାତିରେ ପାନ୍ଧଡା ଗ୍ରାମରେ ପୁଲିସ ଚଢ଼ଉ କରି କିରଣ କୁମାର ମଣ୍ଡଳକୁ ଗିରଫ କରିବା ସହ ସମୁଦାୟ ୧୦୦ ଲି ବିଦେଶୀ ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭୦ ହଜାର ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। କିରଣକୁ ଆଜି ପୁଲିସ କୋର୍ଟଚାଲାଣ କରିଛି।

## ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

**କୁଆମରା, ୩।୪(ସମିସ):** କୁଶଳଦା ଫାଣ୍ଡି ଅନ୍ତର୍ଗତ ଧୋବଣି ଛକ ନିକଟରୁ କିଛି ଦୂରରେ ଏକ ନିଛାଟିଆ ସ୍ଥାନରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ଜଣକ ହେଉଛନ୍ତି ଖୁଦପୁଟଳି ଗ୍ରାମର ରୁହିଆ ନାଏକ (୭୨)। ଛଅ ଦିନ ପୂର୍ବରୁ ରୁହିଆ ଘରୁ ଆସି ଆଉ ଫେରି ନ ଥିଲେ। ତେବେ ଗତକାଲି ଅପରାହ୍ନରେ ସେ ସ୍ଥାନ ଦେଇ ଲୋକେ ଯାଉଥିବା ବେଳେ ଦୁର୍ଗନ୍ଧ ହେବାରୁ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ଦ୍ୱାରା ଚିହ୍ନଟ କରି ଉଦଳା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପାଇଁ ପଠାଇଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡ଼ିବ ବୋଲି ଏସ୍ଆଇ ଗୋଲକ ମିଶ୍ର ସୂଚନା ଦେଇଛନ୍ତି।

## ପୁରୁଣା ୱାରେଣ୍ଟି ଗିରଫ

**କୁଆମରା, ୩।୪ (ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ବଣକାଟି ଗ୍ରାମର ଜଣେ ପୁରୁଣା ୱାରେଣ୍ଟିକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମର ବେଣୁଧର ବାରିକଙ୍କ ବିରୋଧରେ ୨୦୦୮ ମସିହାରେ କୌଣସି ଏକ ମାମଲା ରୁଜୁ ହେବା ପରେ ଗିରଫ ଭୟରେ ସେ ଫେରାର ହୋଇଯାଇଥିଲା। ଆଜି କୋର୍ଟ ୱାରେଣ୍ଟ ବଳରେ ପୁଲିସ ଗିରଫ କରିଛି।

## ପ୍ରାଥମିକ ଶିକ୍ଷକ ସଂଘର ଶପଥ ପାଠ ଉତ୍ସବ

**ବଡ଼ସାହି, ୩।୪(ସମିସ):** କଟକ ହରିପୁର ରୋଡ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ବଡ଼ସାହି ବ୍ଲକରେ ନବ ନିର୍ବାଚିତ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ଏକ ଶପଥ ପାଠ ଉତ୍ସବ ମଙ୍ଗଳବାର କୌଡିଖଣିସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଂଗଠନର ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର, ଜିଲ୍ଲା ସଂଗଠନ ସମ୍ପାଦକ ବଳରାମ ନାଥ, ଜିଲ୍ଲା ସଭାପତି ଆର୍ତ୍ତ କୁମାର ପରିଡ଼ା, ଉଦଳା ବ୍ଲକ ସମ୍ପାଦକ ଲଳିତକୁମାର ବେହେରା, ବେତନଟୀ ବ୍ଲକ ସମ୍ପାଦକ ସୁନୀଲ କୁମାର ବଡେ, କୁଳିଅଣା ବ୍ଲକ ସମ୍ପାଦକ ଦିଲ୍ଲୀପ କୁମାର ପାତ୍ର ଉପସ୍ଥିତ ରହି ଶିକ୍ଷକଙ୍କ ପ୍ରତି ନିଃସ୍ୱାର୍ଥପର ସେବା ପ୍ରଦାନ କରିବା ପାଇଁ ଶପଥ ପାଠ କରାଇଥିଲେ। ସଭାପତି ରତିକାନ୍ତ ବେହେରା, ଉପସଭାପତି ଉଜ୍ଜ୍ୱଳ କୁମାର ସାହୁ ଓ ସୁମତୀ ମାଝୀ, ସମ୍ପାଦକ ସଞ୍ଜୟ କୁମାର ଜେନା, ସହସମ୍ପାଦକ ଶ୍ରୀକୃଷ୍ଣ ମହାନ୍ତ ଓ ସଂଯୁକ୍ତା ରାଉତ, ବ୍ଲକ ସଂଗଠନ ସମ୍ପାଦକ ରଜତ କୁମାର ବେହେରା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଗିରି ଓ ସଂଯୋଜକ କୁଳମଣି ରାଉତ ଶପଥ ପାଠ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ଧ୍ରୁବେନ୍ଦ୍ର କୁମାର ଜେନା ଓ ବୀରେନ୍ଦ୍ର ପ୍ରଧାନଙ୍କ ସହ ଉପସ୍ଥିତ ଥିଲେ। ଏହି ଅବସରରେ ୪ଟି ଶିକ୍ଷା ସର୍କଲରୁ ଜଣେ ଜଣେ ସର୍କଲ ସମ୍ପାଦକ ବଛା ଯାଇଛି। ସାନକେରକରୁ ମହେଶ୍ୱର ମହାନ୍ତ, ମାଣତ୍ରୀରୁ ମୋହନ ମହାନ୍ତ, ବଡ଼ସାହିରୁ ରାଜକିଶୋର ପାଣିପାତ୍ର ଓ କୋଚିଲାଖୁଣ୍ଟାରୁ ଧିରେନ୍ଦ୍ର ବେହେରା ଓ ପ୍ରଫୁଲ୍ଲ ଘୋଷଙ୍କୁ ମନୋନୀତ କରାଯାଇଛି।

## ବର୍ଷିୟାନ କଂଗ୍ରେସ କର୍ମୀଙ୍କ ପରଲୋକ

**ବିଶୋଇ, ୩।୪ (ସମିସ) :** ବିଶୋଇ ଅଞ୍ଚଳର ବର୍ଷୀୟାନ କଂଗ୍ରେସ କର୍ମୀ ଉଗ୍ରେସନ ଗିରି (୯୬)ଙ୍କ ପରଲୋକ ଘଟିଛି। ସୂଚନାଥାଉ କି, ବିଶୋଇ ବ୍ଲକରେ ଭଲବେଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଗିରି କଂଗ୍ରେସ ଦଳର ଜଣେ ସକ୍ରିୟ ସଦସ୍ୟ ସହିତ କଂଗ୍ରେସ ଦଳର ସଙ୍ଗଠକ ଥିଲେ। ସେ ଲୁହାକାନି ସ୍ଥିତ ଡ଼ଃ ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ଉଦ୍ୟୋକ୍ତା ଥିଲେ। ସେହିପରି ବାଉତିବେଡା ପଞ୍ଚାୟତ ଲ୍ୟାମ୍ପସ ସଭାପତି ରହିଥିବା ବେଳେ ଦୀର୍ଘ ୨୫ ବର୍ଷ ଧରି ନିଜ ପୈତୃକ ଗ୍ରାମ ଭୋଲବେଡା ଗ୍ରାମରେ ୱାର୍ଡ ମେମ୍ବର ରହି ଲୋକଙ୍କ ସେବାରେ ନିୟୋଜିତ ଥିଲେ। ବିଶୋଇ ସ୍ଥିତ ବାସଭବନରେ ଥିବା ସମୟରେ ଶ୍ରୀ ଗିରିଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ବିଶୋଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମେତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପିସିସି ସଦସ୍ୟ ନାରାୟଣ ମହାପାତ୍ର, କଂଗ୍ରେସ ବ୍ଲକ ସଭାପତି ସୁବାସ ପାତ୍ର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।


### ବିଜେଡି ପକ୍ଷରୁ ଜିଲ୍ଲାର ୫ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା

# ତିନି ନବାଗତଙ୍କୁ ପ୍ରାଥମିକତା; କର୍ମୀ ଉତ୍ସାହିତ

**ବାରିପଦା, ୩।୪(ସମିସ)**

ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ୯ଟି ବିଧାନସଭା ଆସନରୁ ୫ଟିରେ ପ୍ରାର୍ଥୀଙ୍କ ନାମ ଆଜି ଘୋଷଣା ହୋଇଛି। ବାରିପଦାରୁ ସାନନ୍ଦ ମାରାଣ୍ଡି, ବଡ଼ସାହିରୁ ଅନସୂୟା ପାତ୍ର, ଉଦଳାରୁ ଶ୍ରୀନାଥ ସୋରେନ, ମୋରଡାରୁ ପ୍ରୀତିନନ୍ଦା କାନୁନଗୋ ଓ ଯଶିପୁରରୁ ଚକ୍ରଧର ହେମ୍ବ୍ରମଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହିସବୁ ଆସନର ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଦଳ ପକ୍ଷରୁ ପ୍ରାଧାନ୍ୟ ଦିଆଯାଇଛି। ଟିକଟ ମିଳିଥିବା ୫ ଜଣଙ୍କ ମଧ୍ୟରୁ ୩ ଜଣ ପ୍ରଥମ ଥର ନିର୍ବାଚନ ଲଢିବେ। ଦୁଇଟି ଆସନରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ ଏହି ଘୋଷଣାରେ ଦଳ ମହିଳାଙ୍କ ପ୍ରାଥମିକତା ଦେଇଛି। ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ଗତଥର ଟିକଟରୁ ବଞ୍ଚିତ ଥିବା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ଟିକେଟ ପ୍ରଦାନ କରାଯାଇଛି। ଯିଏ କି ପୂର୍ବରୁ ବାରିପଦା ବିଧାୟକ ରହିଥିବା ବେଳେ ଜଣେ ଦୃଢ ସଂଗଠକଭାବେ ବେଶ୍ ପରିଚିତ। ଅପରପକ୍ଷରେ ଏଥର ଦୁଇଟି ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକଙ୍କ ପତ୍ନୀଙ୍କୁ ଟିକେଟ ପ୍ରଦାନ କରାଯାଇଛି। ବଡ଼ସାହି ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ପତ୍ନୀ ଅନସୂୟା ପାତ୍ର ଏବଂ ମୋରଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟକ ରାଜକିଶୋର ଦାସଙ୍କ ପତ୍ନୀ ପ୍ରୀତିନନ୍ଦା କାନୁନଗୋଙ୍କ ପ୍ରତି ଦଳ ଆସ୍ଥା ପ୍ରକଟ କରିଛି। ନୂତନ ଭାବେ ନିର୍ବାଚନ ମଣ୍ଡଳୀ ପୁନର୍ଗଠିତ ହେବା ପରେ ଉଭୟ ଆସନରେ ପ୍ରଥମ କରି ମହିଳା ପ୍ରାର୍ଥୀ ରଣାଙ୍ଗନକୁ ଓହ୍ଲାଇଛନ୍ତି।





ଏମାନେ ନବାଗତ ଥିବା ବେଳେ ଯଶିପୁର ଆସନରୁ ମଧ୍ୟ ଜଣେ ନୂଆ ଚେହରାଙ୍କୁ ଦଳ ସୁଯୋଗ ଦେଇଛି। ଯୁବ ସଂଗଠକ ତଥା ଟାଣୁଆ ନେତା ଚକ୍ରଧର ହେମ୍ବ୍ରମଙ୍କୁ ଦଳ ପ୍ରାର୍ଥୀ କରିଛି। କାର୍ଯ୍ୟଦକ୍ଷତା, ଟାଣୁଆ ଓ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ କରାଯାଇଛି; ଯାହାକି ବିରୋଧୀ ଶିବିରରେ ଏକ ପ୍ରକାର ଛନକା ସୃଷ୍ଟି କରିଛି। ଉଦଳା ନିର୍ବାଚନ ମଣ୍ଡଳୀରେ ଗତ ନିର୍ବାଚନର ପ୍ରାର୍ଥୀ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କୁ ପୁନର୍ବାର ଟିକେଟ ପ୍ରଦାନ କରାଯାଇଛି। ଗତ ଥର ଅଳ୍ପ ଭୋଟ ବ୍ୟବଧାନରେ ଶ୍ରୀ ସୋରେନ ପରାଜିତ ହୋଇଥିଲେ। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ସମର୍ଥକ ଓ କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ପ୍ରାର୍ଥୀମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନେକ ସ୍ଥାନରେ ଆତସବାଜି ଓ ରୋଷଣୀରେ ସମର୍ଥକମାନେ ଖୁସି ଜାହିର କରୁଥିବା ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲାର ୯ଟି ବିଧାନସଭା ଆସନ ମଧ୍ୟରୁ ପୂର୍ବରୁ ବିଜେପି ମଧ୍ୟ ଏହି ୫ଟି ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ଅବଶିଷ୍ଟ ବାଙ୍ଗିରିପୋଷି, ସାରସକଣା, ରାଇରଙ୍ଗପୁର ଓ କରଞ୍ଜିଆ ଆସନରେ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା ହେବାକୁ ଥିବା ବେଳେ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାରେ ସାଧାରଣ ନିର୍ବାଚନ ମତଦାନକୁ ଆହୁରି ଦୁଇ ମାସ ରହିଥିବା ବେଳେ ଏବେଠାରୁ ପ୍ରଚାର ମଇଦାନ ସରଗରମ ହେବାରେ ଲାଗିଲାଣି। ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କୁ ଧରି ନିର୍ବାଚନ ବୈତରଣୀ ପାର କରିବା ପାଇଁ ପ୍ରଚାର ଆରମ୍ଭ ହୋଇଛି। ବିଜେଡି ପୁଣି ୬ଷ୍ଠ ଥର ସରକାର ଗଢିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ପ୍ରାର୍ଥୀମାନେ ଜୋରସୋର ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ଲୋକପ୍ରିୟତା ଓ ସାଂଗଠନିକ ଦୃଷ୍ଟି କୋଣରୁ ବିଜେପି ପୂର୍ବ ଅପେକ୍ଷା ପଛରେ ରହିଥିବାବେଳେ ବିଜେଡି ଆଗୁଆ ରହିଛି। ଗୋଷ୍ଠୀ କନ୍ଦଳକୁ ନେଇ ବିଜେପି ସଙ୍ଗଠନ ଠିକ ନ ଥିବାବେଳେ ବିଜେଡି ଏଥର ଭଲ ଫଳାଫଳ ଆଣିବ ବୋଲି ନିର୍ବାଚନ ସମୀକ୍ଷକମାନେ କହିଛନ୍ତି।

## କେ.ସି. ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ



**ବୈଶିଙ୍ଗା, ୩।୪(ସମିସ):** ହେମପୁର କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ପରୀକ୍ଷା ପ୍ରଗତିପତ୍ର ପ୍ରଦାନ ସାଙ୍ଗକୁ ପାଠ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାରୀ ବିଦ୍ୟାଳୟକୁ ପିଲାଙ୍କୁ ଆକର୍ଷିତ କରିବା ତଥା ପାଠ ପଢ଼ାରେ ଉତ୍ସାହିତ କରିବାପାଇଁ ପାଠ୍ୟପୁସ୍ତକ ସାଙ୍ଗକୁ ଛଅ ଖଣ୍ଡ ଖାତା ଓ କଲମ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ଅବକାଶ ପରେ ପିଲାମାନଙ୍କ ପାଇଁ ଗଣିତ, ବିଜ୍ଞାନ ଓ ଇଂରାଜୀରେ ସ୍ୱତନ୍ତ୍ର ଡାଉଟ କ୍ଲିୟରିଙ୍ଗ କ୍ଲାସ ଅନୁଷ୍ଠିତ ହେବ ବୋଲି ପ୍ରଧାନଶିକ୍ଷକ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ଶିକ୍ଷାବିତ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ବିଦ୍ୟାଳୟର ଏହି ଅଭିନବ ଉଦ୍ୟମ ପାଇଁ ସାଧୁବାଦ ଜଣାଇବା ସହିତ ମନଦେଇ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ତୁଷାରକାନ୍ତ ପାତ୍ର ଓ ଚନ୍ଦନ କୁମାର ଦାସ ପିଲାମାନଙ୍କ ଶୈକ୍ଷିକ ଅଭିବୃଦ୍ଧି ପାଇଁ ଆଗ୍ରହର ସହିତ ସମସ୍ତେ କାର୍ଯ୍ୟ କରିବେ ବୋଲି ମତ ଦେଇଥିଲେ। ଶିକ୍ଷକ ଶରତ କୁମାର ବେହେରା, ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ, ରାଜନନ୍ଦିନୀ ପାତ୍ର, ସବିତା ବାରିକ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶତାୟୁ ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

**କୁଆମରା, ୩।୪(ସମିସ):** ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗୋହିରାଡିହା ଗ୍ରାମର ଅବସରପ୍ରାପ୍ତ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତ୍ରିନାଥ ଦେ'ଙ୍କ ୧୦୭ ବର୍ଷରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ରହି ଦୁଇ ଦିନ ତଳେ ଅସୁସ୍ଥ ହୋଇଥିଲେ। ପରେ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ପରଲୋକ ଘଟିଛି। ସେ ୧୯୪୨ ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। କୁଶଳଦା, କୋଷ୍ଟା, ବାରିପଦା, କାଣୀମହୁଲି, କୁଆମରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିବା ବେଳେ ପୁରୁଣା ବାରିପଦା ପଞ୍ଚାୟତ ବିଦ୍ୟାଳୟରେ ୧୯୮୪ ମସିହାରେ ଅବସର ନେଇଥିଲେ। ସେ ଗୋପବନ୍ଧୁ ନଗର ବ୍ଲକ ଶିକ୍ଷକ ସଂଘର ସଭାପତି, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଭାବେ ପ୍ରାୟ ୧୦ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ୧୯୭୨ରେ ଜଣଗଣନା କାର୍ଯ୍ୟରେ ତାଙ୍କୁ ମିଳିଥିଲା ରାଷ୍ଟ୍ରପତି ପୁରସ୍କାର। ଏହାବ୍ୟତୀତ ସେ ବହୁ ଧର୍ମାନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଆଜି ଗ୍ରାମ ସ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ମୃତ୍ୟୁ ଖବର ପ୍ରଚାର ପରେ ବହୁ ଶିକ୍ଷାବିତ୍ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।



## ରୋଟାରୀ ଗଭର୍ଣ୍ଣରଙ୍କ ହେରିଟେଜ କ୍ଲବ୍ ପରିଦର୍ଶନ

**ବାରିପଦା, ୩।୪(ସମିସ):** ୩୨୬୨ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ବାରିପଦା ଗସ୍ତରେ ଆସି ରୋଟାରି କ୍ଲବ ଅଫ ବାରିପଦା ହେରିଟେଜ ପରିଦର୍ଶନ କରିଥିଲେ। କେଏମବିଏମ ରୋଡସ୍ଥିତ କ୍ଲବ ପରିସରରେ କ୍ଲବ ସଭାପତି ଶୈବାଳକାନ୍ତି ନାୟକଙ୍କ ସଭାପତିତ୍ୱରେ ଆନନ୍ଦପୁର ସହକାରୀ ଗଭର୍ଣ୍ଣର ମାଙ୍ଗିଲାଲ ବଲଦବୋ, ସମ୍ପାଦକ ନଳୀନ କୁମାର ଚୌଧୁରୀଙ୍କ ସହ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ। ଆଇପିପି ସନ୍ତୋଷ କୁମାର କାସ୍ତ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟସଙ୍ଗୀତ ଗାନ ପରେ ଶ୍ରୀମତୀ ମହାନ୍ତି ସମସ୍ତ ସଭ୍ୟ ସଭ୍ୟାଙ୍କ ସହ ପରିଚୟ ଆଦାନ ପ୍ରଦାନ କରିଥିଲେ। ପରିଦର୍ଶନ ଅବସରରେ କ୍ଲବର ହିସାବପତ୍ର, ଉପସ୍ଥାନ, ବର୍ଷକ ମଧ୍ୟରେ କ୍ଲବ ତରଫରୁ ହୋଇଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଦେଖିବା ସହ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ରୋଟାରିଆନମାନେ ଜନତାଙ୍କ ସେବା କରିବା ସହ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା, ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ଦାନ୍ତ ରୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ତାରପୋଲିନ୍ ଏବଂ କମ୍ବଳ ବଣ୍ଟନ, ସମାଜସେବା କରୁଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସେବା ମନୋବୃତ୍ତି ରଖି ନିଜ ଅର୍ଥରେ କାର୍ଯ୍ୟ କଲେ ସନ୍ତୋଷ ମିଳିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରୟାସ କୁମାର ଶତପଥୀଙ୍କୁ ରୋଟାରୀ ପିନ ପ୍ରଦାନ କରି ନୂତନ ସଭ୍ୟ ଭାବେ ଗ୍ରହଣ କରିଥିଲେ। କ୍ଲବ ତରଫରୁ ଗଭର୍ଣ୍ଣରଙ୍କ ସହ ଆସିଥିବା ସହକାରୀ ଗଭର୍ଣ୍ଣରଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରୋଟାରିଆନ ଅମିତାଭ ପଟ୍ଟନାୟକ, ଦେବଦତ୍ତ ମହାନ୍ତି, ପ୍ରନୋପ ପତି, ଡ. ଚନ୍ଦ୍ରମୋହନ ସିଂ, କମଲ ଖଣ୍ଡେଲୱାଲ ଏବଂ ଅନନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରୋଟାରିଆନ ପ୍ରଦୀପ ନାୟକ ଧନ୍ୟବାଦ ଦେଇଥିଲେ।

## ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ପ୍ରତାପପୁର ସାନନୂଆଗାଁ ଗ୍ରାମର ସୁମିତ କୁମାର ବେହେରାଙ୍କ ପୁଅ ସଚିନ, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି। ସେ ବୀରେଶ୍ୱରପୁର ପଞ୍ଚାୟତର ଶିରିଡିସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମଶ୍ରେଣୀ ପାସ କରିଛନ୍ତି। ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


**ଅଳମତି ବିସ୍ତରେଣ**

(ପଠନ ପାଠନ ମୁହୂର୍ତ୍ତରୁ ଦୃଷ୍ଟି ତୋଳି ଦେଖ ନିଜ ହାତେ ନିଜ ଭାଗ୍ୟ ଡୋରୀ)

୧- ମାତୃପିତୃ ଋଣ ଅପରିଶୋଧେନ ପାପମା, ମୁଖାଗ୍ନି ବଞ୍ଚିତଂ ପରିଣାମୋତି।
୨- ଅଭକ୍ଷ ଗ୍ରହଣ ଦୋଷ ଦହ୍ୟତେ ଦେହମ୍, ରୋଗ ଭୋଗ୍ୟମ୍ କୁମ୍ଭୀପାକ ନର୍କଂ।
୩- ଧର୍ମ ଧାସେ ଗ୍ଳାନି ଧର୍ମ ସୌଦାଗରଃ, ଶଠ୍ୟତେ ଅନ୍ୟମ୍ କାଳସୂତ୍ର ଦଣ୍ଡମ୍।
୪- ସତ୍‌ପଥିଙ୍କ କଣ୍ଟକ ଯଃ ବିସ୍ଫୁଟଃ, ଆତତାୟୀ ସମା ଶୁକରମୁଖ ଜନ୍ମନି।
୫- ଶତଂ ସମାହାର କୃପଣ କ୍ଷମତାନ୍ଧଃ, ପରଜନ୍ମନି ବିଷଧର ଜୀବନଂ।
୬- ମହତ ଜନସ୍ୟ ଛିଦ୍ରାନୁଷ୍ୱେଣ ଷଡଯନ୍ତ୍ରଃ ଶୁଳଃ, ଆତ୍ମଙ୍କ କ୍ଷତିକାରକଃ।
୭- ପରଧନ ଲୋଭାତ୍ ଚୌର୍ଯ୍ୟ କଳିକଲ୍ମଷେତି, କାରବାସ ଜନ୍ତୁନଂ ଜନ୍ମନି।
୮- ଈର୍ଷା ଅସୂୟା କର୍କଟ ଗୁଣା ଏବ, ଅକର୍ମାଜସ୍ୟଃ ରୌରବ ଦଣ୍ଡ ପ୍ରାପ୍ୟମ୍।
୯- ଦୁର୍ନୀତି ଭ୍ରଷ୍ଟାଚାରୀ ଧନେ ଧନିକଃ, ଅସ୍ଥିପତ୍ର ଯକ୍ଷେବ ଯଥା ପରଜନ୍ମମ୍।
୧୦- ପରନିନ୍ଦା ପରଚର୍ଚ୍ଚା ଅନ୍ତର୍ମଳ ମନଃ, ଆତ୍ମହତ୍ୟା ଦୋଷେ ଅବଯାନମ୍।
୧୧- ଭୋଗ ବିଭୋର ଅର୍ଥାର୍ଥୀ ଅସଦା ଚରିତେ, ଅନ୍ଧକୂପେ ବନ୍ଦୀ କୁକର୍ମ ରତେ।
୧୨- ଅବଦାନ ଶୂନ୍ୟ ସଂଗଚ୍ଛଧ୍ୱଂ ଅହଂକାରଃ, ଅରଣ୍ୟ ରୋଦନ ଛାଗଳ ଜନ୍ମନି।
୧୩- ଆତ୍ମଦ୍ରୋହୀ ଧର୍ମସ୍ୟ ଅର୍ଥ ନ ଜାନାତି ଓଧ, ନ ଚ ବୁଦ୍ଧ ନିର୍ବାଣ ନିମିତ୍ତଂ।
୧୪- ସଦାତ୍ମା ସ୍ୱଧୟା କଷ୍ଟବାସୋ ଜୀବନଂ ହି, କଲ୍ୟାଣକୃତ କଶ୍ଚିତ୍ ନ ଦୁର୍ଗତିଂ।
୧୫- ନାମଧେୟ କର୍ମ, ପଙ୍କଜପି ପ୍ରତିଷ୍ଠାପ୍ୟ, ବିଧି ଯସ୍ୟ ବଶ ଦଣ୍ଡ ନାସ୍ତି।

| THE BED SEED OF LIFE | THE GOOD SHRINE OF LIFE |
|---|---|
| 1- Disobedience to parents. | 1- Life for love, stop hatred. |
| 2- Lie and libility. | 2- Wise ruler sans power. |
| 3- Avoiding right excepting wrong | 3- A teacher of truth. |

- ଶମିତ୍ୟୋମ୍ -
ସନ୍ତୁମୂର୍ତ୍ତି-ଚଳଭାଷ-୯୪୩୯୪୮୦୦୦୦


## ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଟିମ୍ 'ବି' ବିଜୟୀ



**ବାରିପଦା, ୩।୪(ସମିସ):** ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିନର ମ୍ୟାଚରେ ଟିମ-ବି ଟିମ - ଇକୁ ୭୭ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ - ବି ୩୦ ଓଭରରେ ୫ ଉଇକେଟ ହରାଇ ୩୧୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ସିଂ ୨୩୧ ରନ ସଂଗ୍ରହ କରିଥିବା ବେଳେ ସୁଜଳ ନାଥ ମଧ୍ୟ ୪୧ ରନ କରିଥିଲେ। ବିପକ୍ଷ ଦଳର ଭବେଶ ମହାନ୍ତି ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ - ଇ ୩୦ ଓଭରରେ ୬ ଉଇକେଟ ହରାଇ ୨୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁହିର୍ଦ୍ଦ ମହାନ୍ତି ୯୫ ଓ ଅଂଶ ଅଗ୍ରୱାଲ ୪୫ ରନ କରିଥିବା ବେଳେ କୁମାର ସତ୍ୟଜିତ ମିସ୍ତ୍ରି ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଆସୋସିଏସନର ବରିଷ୍ଠ ସଦସ୍ୟ ବିଜୟ ସିଂହ, ନିରୋଜ ଦାସ, ସାଧାରଣ ସମ୍ପାଦକ ବିଜୟ କୁମର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।







## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ୨ ଗୁରୁତର

**କୁଆମରା,୩।୪(ସମିସ):** ବଡସାହି-ରାଣୀବନ୍ଧ ରାସ୍ତାର ମହୁଲିଆ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଦୁଇ ସାଙ୍ଗ ଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିଲେ। ଫଳରେ ଉଭୟ ଗୁରୁତର ହୋଇପଡିଥିଲେ। ସେମାନେ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ ଘାଗରା ଗ୍ରାମର ପ୍ରଦୀପ ମିରିଡିଆ ଓ ରାଜେଶ ସିଂ। ଉଭୟଙ୍କ ବୟସ ୧୫ ମଧ୍ୟରେ ହେବ ବୋଲି ଜଣାପଡିଛି। ଉଭୟଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ତୁରୁମୁଙ୍ଗା,୩।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ମହାନ୍ତଙ୍କୁ ତୁରୁମୁଙ୍ଗା ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ କନକଲତା ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ଧରଣୀ ଧର ଦାସ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ଓଝା, ପ୍ରକାଶ ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଗ୍ରେସନ ନାଏକ ପାଟଣା ବ୍ଲକ ଶିକ୍ଷକ ସଂଘ ସଭାପତି ବିଜନ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଶ୍ରୀ ମହାନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ଗଣ ଶ୍ରୀ ମହାନ୍ତିଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନଯାପନ କାମନା କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ନାଏକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ନକୁଳ ଚନ୍ଦ୍ର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ହସନପୁର ଉପରସାହିରେ ଅଷ୍ଟପ୍ରହର ନାମଯଜ୍ଞ



**ଆନନ୍ଦପୁର,୩।୪(ସମିସ):** ସ୍ଥାନୀୟ ହସନପୁର ଉପର ସାହିରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଓ ଗୌରଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ସାହି ମୁରବୀ ଓ ସଂକୀର୍ତ୍ତନ ପ୍ରେମୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭାଧିବାସ ଆରମ୍ଭ ହୋଇ ଅଖଣ୍ଡ ହରିନାମ ଯଜ୍ଞ କରାଯାଇଥିଲା। ଉକ୍ତ ଗ୍ରାମର ହରିଭକ୍ତ ବିଶ୍ୱଜିତ ସେନାପତି, ସୁବାଷ ଚନ୍ଦ୍ର ସା, ସ୍ୱଦେଶ ନାୟକ, ପ୍ରକାଶ ନାୟକ, ଗଙ୍ଗାଧର ସେନାପତି, ବିଶ୍ୱଜିତ ମହାନ୍ତି, ଶଙ୍କର୍ଷଣ ମାଝି ଓ ମନ୍ଦରଧର ସାଙ୍କ ଦ୍ୱାରା କଳସ ଅଣାଯାଇ ମଣ୍ଡପରେ ଘଟସ୍ଥାପନ କରାଯାଇଥିଲା। ଏହି ଅଷ୍ଟପ୍ରହର ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ୩୦ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସନ୍ଧ୍ୟାରେ ନିତାଇଗୌର ଓ ହରେକୃଷ୍ଣ ମହାମନ୍ତ୍ରରେ ଉକ୍ତ ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ହରିନାମ ଶ୍ରବଣ କରିବା ପାଇଁ ଆଖପାଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁ ସଂକୀର୍ତ୍ତନ ମଣ୍ଡଳୀରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବଳରାମ ରାଉତ, କୈଳାସ ସ୍ୱାଇଁ, ଅନନ୍ତ ରାଉତ, ନରେନ୍ଦ୍ର ରାଉତ, ସନ୍ତୋଷ ନାୟକ ଓ ହସନପୁର ଗ୍ରାମବାସୀ ସହଯୋଗ କରିଥିଲେ।

## ଶାନ୍ତିଲତାଙ୍କ ବିୟୋଗରେ ଆନନ୍ଦପୁରରେ ଶୋକ



**ଆନନ୍ଦପୁର,୩।୪(ସମିସ):** ଓଡ଼ିଶାର ଭଜନ ସାମ୍ରାଗ୍ନୀ ତଥା ବିଶିଷ୍ଟ ଭକ୍ତି ସଂଗୀତ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ବିୟୋଗରେ ଆନନ୍ଦପୁରର ବିଭିନ୍ନ ମହଲରେ ଗଭୀର ଦୁଃଖ ପ୍ରକାଶ ପାଇଛି। ସଂଗୀତ କଳାପରିଷଦର ସଭାପତି ଅଧ୍ୟାପକ ପ୍ରମୋଦ ରାଜଙ୍କ ସଂଯୋଜନାରେ ଆନନ୍ଦପୁର ଅଞ୍ଚଳର ସାହିତ୍ୟିକ, ଗିତୀକାର, କଣ୍ଠଶିଳ୍ପୀ, ଯନ୍ତ୍ରଶିଳ୍ପୀ ମାନେ ଯୋଗଦେଇ ଦିବଙ୍ଗତ ଶାନ୍ତିଲତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିତୀକାର ସନ୍ତୋଷ ସିଂ, ନୃତ୍ୟଗୁରୁ ମଦନମୋହନ କୁଣ୍ଡୁ, ସଂଗୀତ ଗୁରୁ ମନୋରଞ୍ଜନ ମହାପାତ୍ର, ମଦନ ପାଣି, ଦେବାଶିଷ ତ୍ରିପାଠୀ, ପାର୍ଥସାରଥୀ ପାଢ଼ୀଙ୍କ ସମେତ ଅନେକ କଳାକାର ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

### ପ୍ରଶାସନକୁ ଠକିବା ପାଇଁ ଗଳାବାଟ

## ବାତୋବନ୍ଧରୁ ପଞ୍ଚୁପଲ୍ଲୀକୁ ବାଲି ଚାଲାଣ



**ଆନନ୍ଦପୁର,୩।୪(ସମିସ):** ପ୍ରଶାସନକୁ ଠକିବା ପାଇଁ ଗଳାବାଟ ତିଆରି କରି ବାଲି ଚୋରା ଚାଲାଣ କରୁଥିବା ଘଟଣା ଏବେ ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ବୈତରଣୀ ନଦୀର ବାତୋଘାଟରୁ ଆଜକୁ କିଛି ଦିନ ହେବ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଏବଂ ଏହି ବନ୍ଧ ରାସ୍ତାରେ ଆନନ୍ଦପୁର ବ୍ଲକର ପଞ୍ଚୁପଲୀ କାଜୁ ଓ ବାଦାମ ପଡ଼ିଆରେ ବେଆଇନ ଭାବେ ଗଦା କରାଯାଇ ରଖାଯାଇଥିବା ଜଣାଯାଇଛି। ଆନନ୍ଦପୁର ତହସିଲ ଇଲାକାର କେତେକ ସ୍ଥାନରେ ଏଭଳି ଚୋରା ଲଘୁ ଖଣିଜ କାରବାର ଚାଲିଥିବା ନେଇ ଆନନ୍ଦପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖୁବ୍‌ଶୀଘ୍ର ଏହାର ତଦନ୍ତ କରି ଆବଶକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ବୈତରଣୀ ନଦୀର ଅନେକ ଘାଟରୁ ବାଲି ଉଠାଇବା ପାଇଁ ନିଲାମ ହୋଇଥିଲେ ମଧ୍ୟ ପ୍ରଶାସନୀୟ କଟକଣା ଯୋଗୁ କେତେକ ସ୍ଥାନରେ ବାଲି ଉଠାଇବାକୁ ଅନୁମତି ମିଳିନାହିଁ। ଫଳରେ ପ୍ରତିଦିନ ଏହି ଭଳି ଗଳାବାଟ ଦେଇ ଚୋରା କାରବାର ଚାଲିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏପରି ଅବ୍ୟବସ୍ଥା ଯୋଗୁ ପ୍ରତିଦିନ ଚୋରା ଲଘୁ ଖଣିଜ କାରବାର ଯୋଗୁ ପ୍ରଶାସନ ଲକ୍ଷଲକ୍ଷ ଟଙ୍କା କ୍ଷତି ସହୁଥିବା ଜଣାଯାଇଛି।

## ଜନାର୍ଦ୍ଦନପୁର-ପାଟଣା ଗ୍ରାମରୁ ୱାରେଣ୍ଟି ଗିରଫ

**ରାମଚନ୍ଦ୍ରପୁର,୩।୪(ସମିସ):** ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର-ପାଟଣା ଗ୍ରାମରୁ ଜଣେ ୱାରେଣ୍ଟିକୁ ଗିରଫ କରି କୋର୍ଟଚାଲାଣ କରିଛି ରାମଚନ୍ଦ୍ରପୁର ପୁଲିସ। ଘଟଣାରୁ ପ୍ରକାଶ ଯେ ଜନାର୍ଦ୍ଦନପୁର-ପାଟଣା ଗ୍ରାମର ନକୁଳ ବେହେରାଙ୍କ ପୁଅ ବଳଭଦ୍ର ବେହେରା (୪୨) ନାମରେ ଜିଆର୍ ୩୨୬/୧୩ରେ ଏକ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିଲା। ସେହି ଦିନଠାରୁ ବଳଭଦ୍ର ପୁଲିସ ଆଖିରେ ଧୂଳି ଦେଇ ଫେରାର୍ ହୋଇ ଠିକଣା ବଦଳାଇ ଚାଲିଥିଲା। ଦୀର୍ଘ ୧୦ ବର୍ଷ ପରେ ବିଶେଷ ସୂତ୍ରରୁ ଖବର ପାଇ ରାମଚନ୍ଦ୍ରପୁର ପୁଲିସ ଆଜି ଭୋରରୁ ବଳଭଦ୍ରକୁ ଜନାର୍ଦ୍ଦନପୁର-ପାଟଣା ଗ୍ରାମରୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ଆଜି କୋର୍ଟଚାଲାଣ କରାଯାଇଛି। ସେପଟେ ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ସହିଦ ସୁଶାନ୍ତ ଶିଶୁପାର୍କ ଭଙ୍ଗାରୁଜା ଘଟଣାରେ ଅସନ୍ତୋଷ



**ଆନନ୍ଦପୁର,୩।୪(ସମିସ):** ଆନନ୍ଦପୁର ପୌରପରିଷଦ ଦ୍ୱାରା ପରିଚାଳିତ ବ୍ୟାରେଜ ପାଶ୍ୱର୍ରେ ଥିବା ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ଶିଶୁପାର୍କରେ ଭଙ୍ଗାରୁଜା ହେବା ଘଟଣାରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୌରପାଳିକା ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଶିଶୁ ଉଦ୍ୟାନ ସୁରକ୍ଷା କର୍ମଚାରୀଙ୍କ ଅଭାବରୁ ଏପରି ଭଙ୍ଗାରୁଜା ହୋଇଥିବା ଜଣାଯାଇଛି। ଏହି ପାର୍କରେ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଦୋଳି, ବ୍ୟାୟାମ ସରଞ୍ଜାମ ସହିତ କୋମଳମତି ଶିଶୁମାନଙ୍କ ମନୋରଂଜନ ପାଇଁ ବିଭିନ୍ନ ପ୍ରକାରର ପଶୁପକ୍ଷୀ ଭଳି ଟେଡି ପାର୍କ ପରିସରରେ ଶୋଭା ପାଉଥିଲା। ମାତ୍ର ଗତ ୧ ତାରିଖ ରାତିରେ କିଛି ଦୁର୍ବୃତ୍ତ ପାର୍କରେ ପଶି ପଶୁପକ୍ଷୀଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ଏହି ପାର୍କରେ ଆଲୋକ ବ୍ୟବସ୍ଥା ନଥିବା ବେଳେ, ସିସି କ୍ୟାମେରା ଲଗାଯାଇନଥିବା ଓ ସୁରକ୍ଷାକର୍ମୀ ନିୟୋଜିତ ହୋଇନଥିବାରୁ ଏଭଳି ଘଟଣା ଘଟିଥିବା ଜଣାଯାଇଛି। ସନ୍ଧ୍ୟା ପରେ ପାର୍କଟି ସମ୍ପୂର୍ଣ୍ଣ ଅନ୍ଧାରିଆ ପରିବେଶରେ ରହୁଥିବାରୁ ଆସାମାଜିକ ଯୁବକମାନେ ଅବାଧରେ ପଶି ଏଠାରେ ବିଭିନ୍ନ ପ୍ରକାର ଅପ୍ରୀତିକର କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ଏଠାରେ ଥିବା ଶୌଚାଳୟରେ ତାଲା ପଡ଼ିଥିବାରୁ ପାର୍କକୁ ବୁଲି ଆସୁଥିବା ମହିଳାମାନେ ଶୌଚ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି। ଅଞ୍ଚଳବାସୀଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହି ବନ୍ଧ ନିର୍ମାଣ କାର୍ଯ୍ୟର ତଦାରଖ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି

## ଠିକାଦାରଙ୍କ ବେପରୁଆ କାର୍ଯ୍ୟ; ମୁଖ୍ୟ ରାସ୍ତାରେ ଫସୁଛି ଯାନବାହନ



**ଶୁକୃଳି,୩।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ଶୁକୃଳି ବ୍ଲକ୍‌କୁ ସଂଯୋଗ କରୁଛି ପୂର୍ତ୍ତ ବିଭାଗ ରାସ୍ତା। ଦୁଇ ବ୍ଲକ୍ ତଥା ପଡ଼ୋଶୀ ରାଜ୍ୟ ଝାରଖଣ୍ଡକୁ ବି ଏହି ରାସ୍ତା ସଂଯୋଗ ହୋଇଛି। ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ବିଭାଗରେ ଥିବାବେଳେ ଏବେ ପୂର୍ତ୍ତ ବିଭାଗରେ ରହିଛି। ରାସ୍ତାର ପ୍ରଶସ୍ତି କରଣ ମଧ୍ୟ ଶେଷ ପର୍ଯ୍ୟାୟରେ ରହିଥିବାବେଳେ ନିମ୍ନମାନର କାମ ହୋଇଥିବା କୁହାଯାଉଛି। ରାସ୍ତା ପ୍ରଶସ୍ତି କରଣ ସ୍ୱାଗତ ଯୋଗ୍ୟ ଥିଲା। କାରଣ ଦୀର୍ଘ ବର୍ଷ ଧରି ଅବହେଳିତ ହୋଇପଡ଼ିଥିଲା ରାସ୍ତା। ପ୍ରଶସ୍ତି ବେଳେ ଶୁକୃଳି ହାଇସ୍କୁଲ ନିକଟରେ ଏକ କଲଭର୍ଟ ଆବଶ୍ୟକ ଥିବାବେଳେ ତାହା ସଂପୂର୍ଣ୍ଣ ହୋଇଥିଲେ ବି ଦୁଇ ପାଖରେ ପର୍ଯ୍ୟାପ୍ତ ପରିମାଣର ମାଟି କି ମୋରମ ପଡିନାହିଁ। ଫଳରେ ପ୍ରତ୍ୟେକ ଦିନ ଯାନବାହାନ ଏବଂ ବାଇକ୍ ଆଦି ଅସୁବିଧାରେ ପଡୁଛନ୍ତି।ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ସମସ୍ୟାର ସମାଧାନ ହୋଇପାରୁନାହିଁ।

## ଅର୍ଥନୀତି ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ପାଟଣା,୩।୪(ସମିସ):** ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଯୁକ୍ତତିନିର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଯୁକ୍ତତିନିର ଅର୍ଥନୀତି ବିଭାଗର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ମହାବିଦ୍ୟାଳୟ ପକ୍ଷରୁ ଦିଆଯାଇଥିଲା। ଏହି ଅବସରରେ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ, ଜଗନ୍ନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ଦାଶ, ଏସଏସ ମହାପାତ୍ର, ସନ୍ତୋଷ କୁମାର ସାହୁ, ମନୋରଞ୍ଜନ ଭୋଇ, ବଳରାମ ଚମ୍ପିଆ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଆନନ୍ଦପୁରରେ ପ୍ରଥମ ଅଂଶୁଘାତ

## ଭତ୍ତା ଆଣିବାକୁ ଯାଇ ବୃଦ୍ଧା ଗୁରୁତର



**ଆନନ୍ଦପୁର,୩।୪(ସମିସ):** ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଧୀରେଧୀରେ ବୃଦ୍ଧି ପାଇ ଅସହ୍ୟ ହୋଇପଡିଥିବା ବେଳେ ଏଥିରେ ସାଧାରଣ ଜନଜୀବନ ବେଶ୍ ପ୍ରଭାବିତ ହୋଇଛି। ଦିନ ୧୦ଟା ପରେ ବାହାରେ ଝାଞ୍ଜି ପବନ ସାଙ୍ଗକୁ ଅସହ୍ୟ ତାତି ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରୁଥିବା ବେଳେ ଆଜି ଆନନ୍ଦପୁର ଅଞ୍ଚଳରେ ଜଣେ ବୃଦ୍ଧା ଅଂଶୁଘାତରେ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ ଆମ୍ବୋ ପଞ୍ଚାୟତ କରଗୋଳା ଗ୍ରାମର ସ୍ୱର୍ଗତ ବନମାଳି ନନ୍ଦଙ୍କ ପତ୍ନୀ କୁନ୍ତଳା ନନ୍ଦ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆମ୍ବୋ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ଭତ୍ତା ପାଇଁ ବାରମ୍ବାର ଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କର ଭତ୍ତା ହୋଇନଥିବା ଜାଣିବା ପରେ ନିରାଶ ହୋଇ ଘରକୁ ଫେରୁଥିବା ବେଳେ ଦିନ ପ୍ରାୟ ୧୨ ଘଟିକା ସମୟରେ ଅସହ୍ୟ ତାତି ସହିନପାରି ରାସ୍ତାରେ ଟଳିପଡିଥିଲେ। ସେହି ରାସ୍ତାରେ ଯାଉଥିବା ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ସାହୁ ମହିଳାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଘରେ ପହଞ୍ଚାଇବା ପରେ ପରିବାର ଲୋକେ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ଶିକ୍ଷକଙ୍କ ପରଲୋକ




**ସାରସକଣା/ଜାମଶୋଳା, ୩।୪(ସମିସ):** ସାରସକଣା ବ୍ଲକ କବାଟଶୋଳ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ମନୋଜ କୁମାର ନାଥ (୫୮)ଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ଶୁକ୍ରବାର ସେ ଅସୁସ୍ଥ ଅନୁଭବ କରିବାପରେ ତାଙ୍କୁ ବାରିପଦାର ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ଘରକୁ ଫେରି ଆସିଥିଲେ। ପୁଣି ଶିନିବାର ରାତିରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାରିପଦା ଡାକ୍ତରଖାନାକୁ ପଠାଯାଇଥିଲା ହେଲେ ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଯାଇଛି। ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ଛାତ୍ର ବତ୍ସଳ, ପରୋପକାରୀ ଶିକ୍ଷକଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଶିକ୍ଷକ ମହଲରେ ଶୋକରେ ଛାୟା ଖେଳିଯାଇଛି।

## ଚିକିତ୍ସାଧୀନ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**ବାରିପଦା, ୩।୪(ସମିସ):** ସ୍ଥାନୀୟ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି।ମୁର୍ଗାବାଡି ସ୍ଥିତ ୧୮ ନମ୍ବର ଜାତୀୟ ରାଜପଥ କଡ଼ରୁ ଜଣେ ଅଜଣା ଯୁବକକୁ ଭଞ୍ଜପୁର ଥାନା ପୁଲିସ ଉଦ୍ଧାର କରି ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲକୁ ଆଣି ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ ହୋଇଥିଲା। ମୃତକଙ୍କ ଆନୁମାନିକ ବୟସ ୩୦ ବର୍ଷ ହେବ। ଏ ନେଇ ଭଞ୍ଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ଚିହ୍ନଟ ପାଇଁ ସଂରକ୍ଷିତ ରଖାଯାଇଛି। ପରିଚୟ ଜାଣିଥିବା ବ୍ୟକ୍ତି ହସ୍ପିଟାଲରେ ପୁଲିସ ଫାଣ୍ଡି ଅଧିକାରୀ ଗୋପାଳ ମାଝୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ଓମ୍‌ଫେଡ୍ ଡାଏରୀରେ ହେର୍‌ଫେର୍ ଅଭିଯୋଗ

**ଆନନ୍ଦପୁର,୩।୪(ସମିସ)**




କଏନକୁ କ୍ୟାସରେ କନଭର୍ଟ କରିବା ଘୋଟାଲା ଚର୍ଚ୍ଚା ଥମି ନଥିବା ବେଳେ ଶାଳପଡ଼ା ଓମଫେଡ୍ ଡାଏରୀରେ ପୁଣି ଦୁଗ୍ଧଜାତ ସାମଗ୍ରୀରେ ହେରଫେର ନେଇ ଅଭିଯୋଗ ହୋଇଛି । କେନ୍ଦୁଝର ଜିଲ୍ଲାର ଆନନ୍ଦପୁରଠାରେ ଥିବା ଶାଳପଡ଼ା ଓମଫେଡ୍ ଡାଏରୀରେ ବ୍ୟାପକ ହେରଫେର ହେଉଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ହେଲେ ପ୍ରତିଦିନ ଗଳାବାଟରେ କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ ହେରଫେର କରାଯାଇ ସେ ବାବଦକୁ ମିଳୁଥିବା ଅର୍ଥ ପରସ୍ପର ମଧ୍ୟରେ ଭାଗବଣ୍ଟା ଯାଉଥିବା ବେଳେ ଏଥିରୁ ସିଂହ ଭାଗ ଦାବି କରି ମୁହଁ ଫେରାଇ ନେବାରୁ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଡାଏରୀ ଫାର୍ମରେ ପ୍ରତିଦିନ ପ୍ରାୟ ୨୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଇଥାଏ ଏବଂ ଏହି ଦୁଗ୍ଧକୁ ଶୀତଳିକରଣ ପ୍ରକ୍ରିୟାରେ ରୂପାନ୍ତରିତ କରାଯାଇ ବିଭିନ୍ନ ଦୁଗ୍ଧ ଜାତ ଦ୍ରବ୍ୟ ପ୍ରସ୍ତୁତ କରାଯାଇ ବଜାରକୁ ବିକ୍ରି ପାଇଁ ଯୋଗାଇ ଦିଆଯାଇଥାଏ। ହେଲେ ଏହି ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ବେଳେ ପ୍ରାୟ ପ୍ରତିଦିନ ୩ଶହ ଲିଟରରୁ ଉର୍ଦ୍ଧ୍ୱ କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀକୁ ଗଳାବାଟରେ ଲୁଟ୍ କରି ବିକ୍ରି କରୁଥିବା ନେଇ ସାଧାରଣରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ତେବେ ଏହି କାରବାରରେ ଡାଏରୀ ଫାର୍ମର କେତେକ ଉପରିସ୍ଥ ପଦାଧିକାରୀ ସଂପୃକ୍ତ ଥିବା ଓ ଏହି କାରବାରର ଚେର ଆନନ୍ଦପୁରରୁ ଯାଜପୁର ଜିଲ୍ଲାର ଛତିଆ ପର୍ଯ୍ୟନ୍ତ ଲମ୍ବିଥିବା ଆଲୋଚନାରୁ ଜଣାଯାଇଛି। ପ୍ରତିଦିନ ଏହି ଶାଳପଡା ଡାଏରୀ ଫାର୍ମରୁ କ୍ଷୀର ଦହି, ପନିର, ରାବିଡ଼ି, ଖୁଆ, ଘିଅ, ମିଠାଦହି, ଘୋଳ ଦହି ଓ ଲସି ଭଳି ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତ କରାଯାଇ ବିକ୍ରି ପାଇଁ ବଜାରକୁ ଯୋଗାଇ ଦିଆଯାଇଥାଏ। ଏହି ବ୍ୟବସାୟିକ କାରବାରକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ମାର୍କେଟିଂ ଇନଚାର୍ଯ୍ୟ ଓ ରୁଟ୍ ଇନଚାର୍ଜଙ୍କୁ ଦାୟିତ୍ୱ ଦିଆଯାଇଅଛି। ଏଣୁ ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ଏହି ହେରଫେର ଘଟଣାରେ ହସ୍ତକ୍ଷେପ କରି ତଦନ୍ତ କଲେ ବାର୍ଷିକ ଲୁଟ୍ ହେଉଥିବା ଲକ୍ଷଲକ୍ଷ ଟଙ୍କା ପ୍ରଶାସନର ରାଜକୋଷକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଓଷ୍ଟା ପକ୍ଷରୁ ଦିବଂଗତ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା



**ବେତନଟୀ,୩।୪(ସମିସ):** ଓଷ୍ଟା ଶିକ୍ଷକସଂଘ ପକ୍ଷରୁ କାର୍ଯ୍ୟରତ ଶିକ୍ଷକଙ୍କ ଦେହାନ୍ତ ପରେ ଦିବଂଗତ ଶିକ୍ଷକଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୁଧବାର ସଠିଲୋ ହାଇସ୍କୁଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ନରହରି ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଷ୍ଟା ଶିକ୍ଷକସଂଘର ମୟୂରଭଞ୍ଜ ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଳତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାୟକ, ବଡସାହି ବ୍ଲକ ସମ୍ପାଦକ ପ୍ରଭାସ ନାୟକ, ବ୍ଲକ କାର୍ଯ୍ୟକାରିଣୀ ସଦସ୍ୟ ଭବାନୀଶଙ୍କର ବାଗ୍ ପ୍ରମୁଖ ଅତିଥିଅଧିକାରୀଗଣ ଯୋଗଦେଇଥିଲେ। କାର୍ଯ୍ୟରତ ସମୟରେ ସ୍ୱାସ୍ଥ୍ୟଗତ କାରଣରୁ ଅକାଳ ବିୟୋଗ ଘଟିଥିବା ସଠିଲୋ ହାଇସ୍କୁଲର ପ୍ରଧାନଶିକ୍ଷକ ରଘୁନାଥ ସାହୁ ଏବଂ ଧନପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଚନ୍ଦ୍ରଶେଖର ଦେଙ୍କ ଉଦେଶ୍ୟରେ ସ୍ମୃତିଚାରଣ କରିବା ସହିତ ଦିବଂଗତ ଶିକ୍ଷକଙ୍କ ଧର୍ମପତ୍ନୀ ମଞ୍ଜୁଲତା ସାହୁ ଏବଂ ପଦ୍ମଶ୍ରୀ ଦେ'ଙ୍କୁ ଓଷ୍ଟା ଶିକ୍ଷକସଂଘର ବ୍ୟବସ୍ଥା ଅନୁଯାୟୀ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେତନଟୀ ବ୍ଲକ ଓଷ୍ଟା ଶିକ୍ଷକାସଂଘ ପକ୍ଷରୁ ମୃତ୍ୟୁଞ୍ଜୟ ଦାସ, ସରୋଜ ମହାପାତ୍ର, ଅନ୍ତର୍ଯ୍ୟାମୀ ପୁଥାଳ, ଶିକ୍ଷୟିତ୍ରୀ ସୁରମା ଓତା, କ୍ଷଣପ୍ରଭା ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

### ଗ୍ରାମବାସୀଙ୍କ ଅଗୋଚରରେ ସ୍କୁଲର ପୁରୁଣା ବିଲ୍ଡିଂ ଭଙ୍ଗାକୁ ବିରୋଧ

# କାର୍ଯ୍ୟାନୁଷ୍ଠାନ ଦାବିରେ ତାତିଲେ ଗ୍ରାମବାସୀ

**ବାରିପଦା, ୩।୪(ସମିସ)**

ବାରିପଦା ସହରର ଦାମୋଦରପୁର ସ୍ଥିତ ଶ୍ରୀରାମସାହି ସରକାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରୁଣା ବିଲ୍ଡିଂ ଭାଙ୍ଗିବାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ଅଗୋଚରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁରୁଣା ବିଲ୍ଡିଂ ଭାଙ୍ଗି ସାମଗ୍ରୀଗୁଡିକ ବିକ୍ରି କରିବାକୁ ଯୋଜନା କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି; ଯାହାକୁ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ତାତିବା ସହ ବୁଧବାର ବିଦ୍ୟାଳୟ ପରିସରରେ ଅନେକ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ରହିଛି। ବିଦ୍ୟାଳୟରେ ପ୍ରାୟ ୧୫୦ ଜଣ ପିଲା ଅଛନ୍ତି ଏବଂ ୩ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ନୂତନ ବିଲ୍ଡିଂରେ ପିଲାମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ହେଉଛି। ତେବେ ପୁରୁଣା ବିଲ୍ଡିଂ ବିପଜ୍ଜନକ ଅବସ୍ଥାରେ ରହିଥିବାରୁ ଛୋଟ ଛୋଟ ପିଲାମାନେ ଖେଳିବାକୁ ଯାଉଛନ୍ତି। ତେଣୁ ଆଗାମୀ ଦିନରେ ଅଘଟଣ ହେବାର ସମ୍ଭାବନା ରହିଛି। ତେଣୁ ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ପୁରୁଣା ବିଲ୍ଡିଂ ଭାଙ୍ଗି ଦେବାକୁ ନିଷ୍ପତ୍ତି ହୋଇଥିଲା। ମଙ୍ଗଳବାର ଗ୍ରାମବାସୀଙ୍କୁ ନ ଜଣାଇ ପ୍ରଶାସନ ପକ୍ଷରୁ ପୁରୁଣା ବିଲ୍ଡିଂ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁନିତାରାଣୀ ରାଉତ ଗ୍ରାମବାସୀଙ୍କ ଅଗୋଚରରେ ୧୧ ହଜାର ଟଙ୍କାରେ ବିଲ୍ଡିଂର ସମସ୍ତ ସାମଗ୍ରୀ ବିକ୍ରି କରିବାକୁ ଯୋଜନା କରିଥିବା ନେଇ ଗ୍ରାମର ବିଶ୍ୱନାଥ ମୁର୍ମୁ ସମେତ ଅନ୍ୟା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁକରି ପ୍ରଧାନ ଶିକ୍ଷୟିତ୍ରୀଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ଗ୍ରାମବାସୀ;ଯାହାକୁ ନେଇ ବୁଧବାର ବିଦ୍ୟାଳୟ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଉକ୍ତ ବିଲ୍ଡିଂକୁ ଭାଙ୍ଗିବା ପାଇଁ ଅଭିଭାବକଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିଚାଳନା କମିଟିର ବୈଠକରେ ନିଷ୍ପତ୍ତି ହୋଇଥିଲା। ଏ ନେଇ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲା; କିନ୍ତୁ ବିଦ୍ୟାଳୟ ଭାଙ୍ଗିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ନ ଥିବାରୁ ପିଲାମାନଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କୁ ଭାଙ୍ଗିବାକୁ କୁହାଯାଇଛି। ଯେଉଁ ଅର୍ଥ ଦେବେ ତାହା ବିଦ୍ୟାଳୟ କମିଟିରେ ରହିବ। ଯାହାକି ଗ୍ରାମବାସୀଙ୍କ ଉପସ୍ଥିତିରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ହେଉଛି, କୋଣସି ଅଗୋଚରରେ କାର୍ଯ୍ୟ ହେଉନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୁନିତାରାଣୀ ରାଉତ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ରାଜୀବ ମୁର୍ମୁ କହିଛନ୍ତି।






## ଶ୍ରୀନାଥ ସୋରେନଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କଲା ବିଜେଡି

**ଉଦଳା, ୩।୪(ସମିସ):** ତୃତୀୟଥର ବିଜେଡି ଉଦଳା ସଂରକ୍ଷିତ ଆସନ ପାଇଁ ପୂର୍ବତନ ବିଧାୟକ ଶ୍ରୀନାଥ ସରେନଙ୍କୁ ପ୍ରାର୍ଥୀ କରିଛି। ଆଜି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଘୋଷଣା କରିଛନ୍ତି। ଶ୍ରୀନାଥ ସରେନ ୨୦୦୯ ମସିହାରେ ପ୍ରଥମ ଥର ବିଧାୟକ ହୋଇଥିଲେ। ୨୦୧୪ରେ ଟିକଟ ପାଇବାରୁ ବଞ୍ଚିତ ହୋଇଥିଲେ ହେଁ ଦଳୀୟ ସଂଗଠନ କରି ଦଳର ଆସ୍ଥା ଜିଣିଥିଲେ। ୨୦୧୯ରେ ପୁଣି ବିଜେଡିରୁ ଟିକେଟ ପାଇ ମାତ୍ର ୧୪୩୩ ଭୋଟ୍ ବ୍ୟବଧାନରେ ପରାଜୟ ବରଣ କରିଥିଲେ। ତେବେ ବିଜେଡି ସଂଗଠନକୁ ଅଧିକ ମଜଭୁତ କରିବା ସହିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶତପ୍ରତିଶତ ସଫଳ ହୋଇପାରିଥିଲେ। ଚଳିତ ଥର ପୁଣି ବିଜେଡି ଉଦଳା ଆସନ ପାଇଁ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଜଣେ ଟାଣୁଆ ତଥା ଯୁବ ଆଦିବାସୀ ସଙ୍ଗଠକ ଭାବେ ଉଦଳା ନିର୍ବାଚନ ମଣ୍ଡଳୀରେ ସେ ବେଶ୍ ପରିଚିତ। ତାଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ ବିଜେଡ଼ି କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ବିଜେପି ବିଧାୟକ ଭାସ୍କର ମଢେଇଙ୍କ ସହିତ ତାଙ୍କର ଲଢେଇ ହେବ ବୋଲି ସହରରେ ଆଲୋଚନା ଜୋର ଧରିଛି। ତେବେ କଂଗ୍ରେସ ଏଯାଏ ଏଠାରେ କାହାକୁ ପ୍ରାର୍ଥୀ ଘୋଷଣା କରିନାହିଁ।



## ମା' ମଥୁରାସିନୀଙ୍କ ପୂଜା ଆରମ୍ଭ



**ମହୁଲଡିହା, ୩।୪(ସମିସ):** ଠାକୁରମୁଣ୍ଡାଠାରେ ଶୀତଳାଷ୍ଟମୀ ଅବସରରେ ମାହୁରୀ ସମାଜ ପକ୍ଷରୁ ମା' ମଥୁରାସିନୀଙ୍କ ୫ମ ବାର୍ଷିକ ପୂଜା ଉତ୍ସବ ଆରମ୍ଭ ହୋଇଛି। ଏହି ପୂଜା ୩ ଦିନ ଧର ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଠାକୁରମୁଣ୍ଡାରେ ବାସ କରୁଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମାହୁରୀ ପରିବାରର ସଦସ୍ୟମାନେ ଉକ୍ତ ପୂଜାତ୍ସୋବକୁ ଆଡମ୍ବର ସହକାରେ ପାଳନ କରୁଛନ୍ତି। ସମାଜର ବରିଷ୍ଠ ସଦସ୍ୟ ରାଜୁ ରାମ, ଅଜୟ କୁମାର ରାମ, ମୁନ୍ନା ରାମ, ଲଳିତ ରାମ, ତୁଷାର ରାମ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କଣ୍ଟାମଲ୍ଲୀ ନାଳରୁ ମହିଳା ଏବଂ ପୁରଷମାନେ ୬୧ଟି କଳସ ଉତ୍ତୋଳନ କରି ଏକ ବିରାଟ ସୋଭାଯାତ୍ରାରେ ଆସି ଶିବ ମନ୍ଦିର ପରିସରରେ ସ୍ଥାପନା କରିଛନ୍ତି। ଏହାସହ ତିନିଦିନ ବ୍ୟାପୀ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ ବୋଲି ସଦସ୍ୟ ଜତିନ କୁମାର ମାଥୁର ସୂଚନା ଦେଇଛନ୍ତି। କର୍ତ୍ତାଭାବେ ବୀରବଲ ରାମ ଓ ତାଙ୍କ ଧର୍ମପତ୍ନୀ ରୀନା ରାମ ଏବଂ ପୂଜକ ପଣ୍ଡିତ ରାହୁଲ ପାଣ୍ଡେଙ୍କ ଦ୍ୱାରା ପୂଜାବିଧି ଅନୁଷ୍ଠିତ ହେଉଛି। ସଦସ୍ୟ ବିଜୁ ନନ୍ଦନ ରାମ, ନିଖିଲ ରାମ, ଆକାଶ ରାମ, ଚିତ୍ତରଞ୍ଜନ ରାମ, ନିତିଶ ରାମ, କ୍ରିଷ ରାମ, ସୁଜଲ ରାମ ପ୍ରମୁଖ ପରିଚାଳନା କରୁଛନ୍ତି। ମାହୁରୀ ସମାଜର ସମସ୍ତ ମହିଳା ଓ ପୁରୁଷ ଖୁବ ଆଗ୍ରହର ସହିତ ଉତ୍ସବ ପାଳନ କରୁଥିବା ପରିଲକ୍ଷିତ ହୋଇଛି।

## ବାଳିକାର ଅସ୍ୱାଭାବିକ ମୃତ୍ୟୁ

**ରାଇରଙ୍ଗପୁର, ୩।୪(ସମିସ):** ଗୋରୁମହିଷାଣି ଥାନା ଅଞ୍ଚଳ ଚିଡ଼କୁବାଦୀ ଗାଁର ୧୦ ବର୍ଷୀୟ ବାଳିକା ସସ୍ମିତା ମୁଣ୍ଡାରୀ ବୁଧବାର ସକାଳେ ଅସୁସ୍ଥ ଅନୁଭବ କରିଥିଲେ। ପରେ ପରିବାର ଲୋକେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ଗୋରୁମହିଷାଣି ଥାନା ପୁଲିସ ବାଳିକାର ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରିଥିଲେ। ଏଥି ସହିତ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି।

### ଜୟପୁର ଅଙ୍ଗନବାଡି କେନ୍ଦ୍ର-୨ ଅସୁରକ୍ଷିତ

## ଟିକାକରଣ ବେଳେ ଛାତରୁ ଖସିଲା ପ୍ଲାଷ୍ଟର; ଦମ୍ପତି ଗୁରୁତର





**ରାଇରଙ୍ଗପୁର, ୩।୪(ସମିସ):** ଏକ ଅସୁରକ୍ଷିତ ଅଙ୍ଗନବାଡି କେନ୍ଦ୍ରରେ ଟିକାକରଣ ଚାଲିଥିବାବେଳେ ଛାତରୁ ପ୍ଲାଷ୍ଟର ଖସିପଡ଼ିବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, କୁସୁମୀ ବ୍ଲକ ଜୟପୁର ଗ୍ରାମପଞ୍ଚାୟତ ଜୟପୁର ଅଙ୍ଗନବାଡି କେନ୍ଦ୍ର-୨ରେ ବୁଧବାର ସକାଳ ୯ଟାରେ ବାଦାମପାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଟିକାକରଣ କାର୍ଯ୍ୟ ଚାଲିଥିଲା। ସେହି ସମୟରେ ଅଙ୍ଗନବାଡି ଗୃହ ଛାତରୁ ପ୍ଲାଷ୍ଟର ଖସିପଡ଼ିଥିଲା। ଫଳରେ ଜୟପୁର ସବ୍‌ସେଣ୍ଟର ଏଏନଏମ ଅନିତା ରଣା ଏବଂ ତାଙ୍କ ସ୍ୱାମୀ ଯଯାତି ମାଲକାଙ୍କ ମୁଣ୍ଡରେ ସିମେଣ୍ଟ ଖଣ୍ଡ ପଡ଼ିଯାଇଥିଲା। ଗୃହ ଭିତରେ ଅନ୍ୟ ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତୁରନ୍ତ ଆଶାକର୍ମୀ ମାନେ ଉଭୟଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଅଙ୍ଗନବାଡି ଗୃହଟି ବିପଦଜ୍ଜନକ ଅବସ୍ଥାରେ ଥିବା ନେଇ ସୁପରଭାଇଜରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ଆହତମାନେ କହିଛନ୍ତି। ଏପରିକି ଟିକାକରଣ କାର୍ଯ୍ୟ ଅନ୍ୟ ସ୍ଥାନରେ କରିବା ପାଇଁ ପ୍ରସ୍ତାବ ଦେଇଥିଲେ; କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିଲେ। ଫଳରେ ଆଜି ଏଭଳି ଅଘଟଣ ଘଟିଲା ବୋଲି ଅନିତା କହିଛନ୍ତି। ଏହା ବ୍ୟତୀତ ଅସୁରକ୍ଷିତ ଅଙ୍ଗନବାଡି ଗୃହରେ ଟିକାକରଣ କାର୍ଯ୍ୟ ଚାଲିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ରହିଛି ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୁରୁତରମାନେ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

## କୋର୍ଟ ନିର୍ଦ୍ଦେଶରେ ଜମି ଦଖଲକୁ ପରିବାରର ବିରୋଧ



**ବାରିପଦା, ୩।୪(ସମିସ):** ବଡେଇଇସାହି ଅଞ୍ଚଳରେ ଜମି ଦଖଲକୁ ନେଇ ବୁଧବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ବରୁ ଜମି କିଣିଥିବା ବେଳେ କୋର୍ଟ ଆଦେଶ ଅନୁଯାୟୀ ପୁଲିସ ଉପସ୍ଥିତିରେ ଜମି ଦଖଲକୁ ନେବା ବେଳେ ସେଠାରେ ରହୁଥିବା ପରିବାର ଏହାକୁ ବିରୋଧ କରିଥିଲେ। ସୂଚନା ଅନୁଯାୟୀ, ୱାର୍ଡ ନମ୍ବର ୧୯, ବଡେଇସାହି ଅଞ୍ଚଳର ୪ଡ଼ିସିମିଲ ଜମିକୁ ରାଧାଗୋବିନ୍ଦ ଦିଗାର କିଛି ବର୍ଷ ପୂର୍ବେ କୁଳିଅଣା ଅଞ୍ଚଳର ଜଗନ୍ନାଥଖୁଣ୍ଟା ଗ୍ରାମର ଭଗବାନ କଳିଆଙ୍କୁ ୨୫ ହଜାର ଟଙ୍କାରେ ବିକ୍ରି କରିଥିଲେ। କିନ୍ତୁ ପରେ ମଧ୍ୟ ତାଙ୍କର ପୁଅ ଅନନ୍ତ ଦିଗାର (୬୪), ଅଚ୍ୟୁତ ଦିଗାର(୫୪), ଅଲେଖ ଦିଗାର (୫୭) ଏବଂ ନାତି ପପି ଦିଗାର ଏହାକୁ ବିରୋଧ କରିଥିଲେ। ତେବେ ଜମିରେ ଦଖଲ ନପାଇ ଭଗବାନ କଳିଆ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ତାଙ୍କ ସପକ୍ଷରେ ରାୟ ପ୍ରକାଶ ପାଇବା ସହ ଜମି ଦଖଲ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ପୁଲିସ ଟିମ ଜମି ଦଖଲ ଦେବାକୁ ନୋଟିସ ଦେଇଥିବାବେଳେ ପରିବାର ଲୋକେ ବିରୋଧ କରିଥିଲେ; ଯାହାକୁ ନେଇ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ତେବେ ରାଧାଗୋବିନ୍ଦ ଦିଗାରଙ୍କ ପରିବାର ଲୋକେ କାଠ କାମ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ଉକ୍ତ ଜମି ଛଡା ତାଙ୍କର ଆଉ କିଛି ବ୍ୟବସ୍ଥା ନାହିଁ। ଏଠାରୁ ବାହାର କରିଦେଲେ ସେମାନେ ବେସାହାରା ହୋଇଯିବେ। ଘରେ ବାର୍ଦ୍ଧକ୍ୟ ଅବସ୍ଥାରେ ବାପା ମାଆ ଥିବା ବେଳେ କେଉଁଠାରେ ସେମାନଙ୍କୁ ନେଇ ମୁଣ୍ଡ ଗୁଞ୍ଜିବେ। ତେଣୁକରି ତାଙ୍କୁ ସେଠାରେ ଉଚ୍ଛେଦ ନ କରିବାକୁ ନିବେଦନ କରିଥିଲେ। ଏ ନେଇ ଅନେକ ସମୟ ଧରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆସନ୍ତାକାଲି ସୁଦ୍ଧା ଘର ଖାଲି କରିବାକୁ ପୁଲିସ ନୋଟିସ ଦେଇଛି।

### ବଳଭଦ୍ରପୁର ପ୍ରିମିୟର ଲିଗ୍ ଆରମ୍ଭ

## ଉଦଘାଟନୀ ମ୍ୟାଚରେ ବ୍ଲକ୍ ଡେଭିଲ ୱାରିୟର୍ସ ବିଜୟୀ



**ବଡସାହି, ୩।୪(ସମିସ):** ବଡସାହି ବ୍ଲକ ବଳଭଦ୍ରପୁର ଗ୍ରାମରେ 'ବଳଭଦ୍ରପୁର ପ୍ରିମିୟମ ଲିଗ୍' ବୁଧବାର ଉଦଘାଟିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଡ. ଜଗତବନ୍ଧୁ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି ଦେଶ ଇତିହାସରେ ଗ୍ରାମାଞ୍ଚଳର ଯୁବ ଖେଳାଳି ଅବଦାନ ଦିନେ ଯୋଡି ହୋଇଯିବ ଓ ଭାରତ ପାଇଁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସନତ ସେଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବଳଭଦ୍ରପୁର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଲିଗ୍ ପର୍ଯ୍ୟାୟରେ ଏହି ଖେଳ ଅନୁଷ୍ଠିତ ହେଉଥିବା ବେଳେ ଉଦଘାଟନୀ ମ୍ୟାଚ ବ୍ଲାକ ଡେଭିଲ ୱାରିୟର୍ସ ଓ ଆଚାର୍ଯ୍ୟ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫଳରେ ଡେଭିଲ ୱାରିୟର୍ସ ଟସ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଆଚାର୍ଯ୍ୟ ୱାରିୟର୍ସ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଛି। ଜବାବରେ ବ୍ଲାକ ଡେଭିଲ ୱାରିୟର୍ସ ନିଦ୍ଧାରିତ ୪ ଉଇକେଟ ହରାଇ ଅବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ବଳଭଦ୍ରପୁର କ୍ରିକେଟ ଆସୋସିଏସନର ସଭାପତି ଜ୍ୟୋତିଶଙ୍କର ଆଚାର୍ଯ୍ୟ ଓ ସମ୍ପାଦକ ରଣଜିତ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ।

### ଶୁଖିଯାଉଛି ବୁଢ଼ାବଳଙ୍ଗ; ହ୍ରାସ ପାଉଛି ଭୂତଳ ଜଳସ୍ତର

# ବେଆଇନ ବାଲି ଉତ୍ତୋଳନ ପାଇଁ ପୋତିହେଲାଣି ଗଣ୍ଡ

**ବାରିପଦା, ୩।୪(ସମିସ)**



ମୟୂରଭଞ୍ଜ ଜିଲ୍ଲାର ଜୀବନରେଖା କୁହାଯାଉଥିବା ବୁଢ଼ାବଳଙ୍ଗ ବର୍ତ୍ତମାନ ଶୁଖିଲା ଅବସ୍ଥାରେ ରହିଛି। ଶୁଖିଲାପଡ଼ିଛି ନଦୀ ଶଯ୍ୟା। କ୍ରମାଗତ କିଛି ବର୍ଷ ହେଲା ଏଭଳି ଅବସ୍ଥା ଲାଗିରହିଛି। ଫଳରେ ନଦୀ ସଂଲଗ୍ନ ଅଞ୍ଚଳରେ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଇବାରୁ ବର୍ତ୍ତମାନ ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି। ଗତ ୨୦୧୩ ମସିହା ଫାଇଲିନ ସମୟରେ ଅଧା ବାରିପଦା ସହର ଏହି ନଦୀର ବନ୍ୟାଜଳରେ ଉବୁଟୁବୁ ହେଉଥିବା ବେଳେ ଗତ କିଛି ବର୍ଷ ହେବ ଗ୍ରୀଷ୍ମ ଦିନରେ ନଦୀରେ ଧୂଳି ଉଡୁଛି। ନଦୀର ସଂଲଗ୍ନରେ ବାରିପଦା ସହର ସମେତ ମୟୂରଭଞ୍ଜର ୭ଟି ବ୍ଲକର ୭୮ଟି ଗ୍ରାମ ନିର୍ଭରଶୀଳ। ନଦୀକୂଳିଆ ଜନସାଧାରଣଙ୍କର ଦୈନନ୍ଦିନ ବ୍ୟବହାର ସାଙ୍ଗକୁ ନଦୀରୁ ଉଠାଜଳସେଚନ ଓ ଉଠାପାନୀୟ ଜଳ ପ୍ରକଳ୍ପ ଗରୁତ୍ୱପୂର୍ଣ୍ଣ ଆବଶ୍ୟକତା ପୂରଣ କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନଦୀର ଜଳସ୍ତର ଉପରେ ଉପରୋକ୍ତ ଅଞ୍ଚଳର ଭୂତଳ ଜଳସ୍ତର ପ୍ରଭାବିତ ହୋଇଥାଏ। ନଦୀ ଶୁଖିଲା ପଡୁଥିବାରୁ ଜଳସ୍ତର ନିମ୍ନଗାମୀ ହୋଇଛି। ଗଡ଼ିଆ ପୋଖରୀ ଓ କୂଅ ନଳକୂଅ ସମେତ ପ୍ରମୁଖ ଜଳାଶୟରେ ପାଣି ନାହିଁ। ରାଜ୍ୟ ସରକାରଙ୍କ ରିପୋର୍ଟରେ ବଡ଼ସାହି ଓ ବେତନଟୀ ବ୍ଲକର ଭୂତଳ ଜଳସ୍ତର ଚିନ୍ତା ଜନକ ହୋଇଛି। ଅପରପକ୍ଷରେ ବୁଢ଼ାବଳଙ୍ଗ ନଦୀ ପ୍ରବାହିତ ଅଞ୍ଚଳର ଉଭୟପାର୍ଶ୍ୱ ପାଳଜମିରେ ଖରାଟିଆ ଧାନ ଓ ଅଣଧାନ ଫସଲ ବାରିପଦା ଓ ବାଲେଶ୍ୱର ସହର ସମେତ ମୟୂରଭଞ୍ଜ ଜିଲ୍ଲାର ପୂର୍ବଭାଗ ଓ ବାଲେଶ୍ୱର ଜିଲ୍ଲାର ରେମୁଣା ଏବଂ ନୀଳଗିରି ପରିବା ମାର୍କେଟ ତଥା ବିଭିନ୍ନ ସାପ୍ତାହିକ ହାଟ ସମ୍ଭାଳିଥାଏ।

**ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ଜରୁରୀ ବ୍ୟାରେଜ ନିର୍ମାଣ**

ପରନ୍ତୁ ଚଳିତବର୍ଷ ଦୀର୍ଘ ଦିନ ଧରି ବର୍ଷା ନଥିବାରୁ ନଦ ଶୁଖିଯିବାରୁ ଚାଷ ପ୍ରଭାବିତ ହୋଇଛି। ଉଭୟ ଜିଲ୍ଲା ପ୍ରାୟତଃ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ପରିବା ଉପରେ ନିର୍ଭର କରୁଛନ୍ତି। ବୁଢ଼ାବଳଙ୍ଗ ନଦୀ ଦୁଇଟି ଜିଲ୍ଲାର ପ୍ରମୁଖ ନଦୀ ହୋଇଥିବା ବେଳେ ଦୀର୍ଘଦିନ ଧରି ଏହି ନଦୀ ଉପରେ ଡ୍ୟାମ ବା ବ୍ୟାରେଜ ମଧ୍ୟ ନାହିଁ। ବାଲେଶ୍ୱର ସହର ଉପକଣ୍ଠରେ ପ୍ରାୟତଃ ରେମୁଣା ବ୍ଲକ ତିନିମୁହାଁଣି (ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ନଦୀର ମିଶ୍ରଣ ସ୍ଥଳ) ପର୍ଯ୍ୟନ୍ତ ଦୈନିକ ଦୁଇଧର ସମୁଦ୍ର ଜୁଆର ନଦୀ ଜଳ ଗ୍ରହଣ କରୁ ନ ଥିବାରୁ ନଦୀ ସଂଲଗ୍ନ ଜନସାଧାରଣ ନଦୀରେ ଭରା ପାଣି ଦେଖିବାକୁ ପାଉଛନ୍ତି; ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ବର୍ତ୍ତମାନ ଅନେକ ସ୍ଥାନରେ ନଦୀ ଶୁଖିଲା ପଡ଼ିଥିବା ବେଳେ ଆଉ କେତେକ ସ୍ଥାନରେ ଆଣ୍ଠୁଏ ମଧ୍ୟ ପାଣି ମଧ୍ୟ ନାହିଁ। ଅନେକ ସ୍ଥାନରେ ଜଳପ୍ରବାହ ମଧ୍ୟ ବନ୍ଦ ହୋଇରହିଛି। ନିଲାମ ଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଥିବାରୁ ଗଣ୍ଡଗୁଡିକ ପୋତି ହେବାରେ ଲାଗିଛି। ଏପରିକି କେତେକ ସ୍ଥାନରେ ଜନସାଧାରଣ ବାଲିବନ୍ଧ ବାନ୍ଧି ପାଣିକୁ ଅଟକାଇବା ସ୍ଥିତିରୁ ତଳମୁଣ୍ଡ ଗ୍ରାମବାସୀଙ୍କ ରୋଷର ଶିକାର ହେଉଛନ୍ତି। ନଦୀରେ ପାଣି ନ ଥିବା ଏବଂ ସ୍ୱଳ୍ପପାଣି ଦିନର ତାପମାତ୍ରାରେ ଅତ୍ୟଧିକ ଗରମ ହେଉଥିବାରୁ ମାଛ ଓ ଅନ୍ୟାନ୍ୟ ଜଳଚର ପ୍ରାଣୀ ସହିତ ପଶୁପକ୍ଷୀ ମଧ୍ୟ ଏଥିପାଇଁ ପ୍ରବାହିତ ହୋଇଛନ୍ତି। ଆଗାମୀ ଦିନରେ ବାରିପଦା ସହର ପୂର୍ବରୁ ଓ ବାଲେଶ୍ୱର ଜିଲ୍ଲାର ବାଙ୍କତିରା (ପ୍ରସ୍ତାବିତ) ବ୍ୟାରେଜ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ଯତ୍ନବାନ ହେଲେ ବୁଢ଼ାବଳଙ୍ଗ ନଦୀର ଜଳଧାରଣ କ୍ଷମତା ବୃଦ୍ଧି ପାଇବା ସହିତ ନଦ ସଂଲଗ୍ନ ବାଙ୍ଗିରିପୋଷି, କୁଳିଅଣା, ବଡ଼ସାହି, ବେତନଟୀ, ବୈଶିଙ୍ଗା, ରେମୁଣା ବଜାର(ଟାଉନ) ସମେତ ବାରିପଦା ଓ ବାଲେଶ୍ୱର ସହରବାସୀ ସବୁଦିନ ପାଇଁ ଜଳସମସ୍ୟାରୁ ମୁକ୍ତି ପାଇପାରନ୍ତେ। ଚାଷୀମାନଙ୍କ ସମସ୍ୟା ମଧ୍ୟ ଦୂର ହୋଇପାରନ୍ତା। ଏଥିପାଇଁ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେବା ଜରୁରୀ।

**ବୁଢ଼ାବଳଙ୍ଗ ସମ୍ପର୍କରେ...**

ବୁଢ଼ାବଳଙ୍ଗ ମୟୂରଭଞ୍ଜ ଜିଲ୍ଲାର ବୃହତ୍ତମ ଓ ରାଜ୍ୟର ଏକ ପ୍ରମୁଖ ନଦୀ। ଶିମିଳିପାଳରୁ ଉତ୍ପନ୍ନ ବୁଢ଼ାବଳଙ୍ଗ ବାଲେଶ୍ୱରର ବଳରାମଗଡ଼ିଠାରେ ବଙ୍ଗୋପସାଗରରେ ମିଶିଛି। ଏହା ଶିମିଳିପାଳର ଦର୍ଶନୀୟ ଜଳପ୍ରପାତ ବରେଇପାଣିରୁ ଝରି ଯଶିପୁର ବ୍ଲକର ପାହାଡ଼ ଅଞ୍ଚଳ ହୋଇ ଉତ୍ତର ଦିଗକୁ ଗତି କରି ବାଙ୍ଗିରିପୋଷି ବ୍ଲକର କରଞ୍ଜିଆପାଳଠାରେ ପହଞ୍ଚିବା ପରେ ଉତ୍ତରପୂର୍ବ ଦିଗରେ ଜାନକାପାହାଡ଼ି ପର୍ଯ୍ୟନ୍ତ ପ୍ରବାହିତ ହୋଇଛି। ସେଠାରୁ ପୂର୍ବଦିଗକୁ ପ୍ରବାହିତ ହୋଇ ଶାମାଖୁଣ୍ଟା, କୁଳିଅଣା, ବାରିପଦା, ବଡ଼ସାହି ଓ ବେତନଟୀ ବ୍ଲକ ଅତିକ୍ରମ ପରେ ବାଲେଶ୍ୱର ଜିଲ୍ଲାର ରେମୁଣା ଓ ସଦର ବ୍ଲକ ଅତିକ୍ରମ କରି ବଳରାମଗଡ଼ି ମୁହାଣରେ ସମୁଦ୍ର ସହିତ ମିଶିଛି। ବାଟରେ ଅନେକ ଛୋଟଛୋଟ ନାଳ ଏବଂ କତରା, ପଳପଳା, ଚିପଟ, କାଟ୍ରା, ଜରାଳି, ସରାଳି, ମାଧବୀ, ଗଙ୍ଗାହାର ଓ ସୋନ ପରି ଉପନଦୀ ମିଶିଛନ୍ତି ବୁଢ଼ାବଳଙ୍ଗ ସାଥିରେ। ଫଳରେ ତଳମୁଣ୍ଡରେ ଏହାର ଆକାର ଗଭୀର ରାଜ୍ୟର ପ୍ରମୁଖ ନଦୀମାନଙ୍କ ସମକକ୍ଷ ହୋଇ ପାରିଛି। ନଦୀର ମୋଟ ଲମ୍ବ ୧୦୯ ମାଇଲ ବା ୧୭୫କିମି ହୋଇଥିବା ବେଳେ ଏହାର ଜଳଧାରଣ କ୍ଷେତ୍ର ୪ହଜାର୮୪୦ବର୍ଗକିମି ବା ୧ହଜାର ୮୭୦ବର୍ଗ ମାଇଲ।

### ମଧ୍ୟାହ୍ନ ଭୋଜନ ବେଳେ ଅଘଟଣ

# ଛାତରୁ ଖସିଲା ପ୍ଲାଷ୍ଟର; ଛାତ୍ର ଗୁରୁତର

ମୋରଡା, ୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ସାନମୁଣ୍ଡାବଣି ପଞ୍ଚାୟତ ସରାଶୋଳ ଗ୍ରାମର ଗାଲୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଉଥିବା ସମୟରେ ଛାତରୁ ପ୍ଲାଷ୍ଟର ଖସି ପଡ଼ିବା ଫଳରେ ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ଶ୍ରେଣୀ ଥିବାବେଳେ ୨୬ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସହକାରୀ ଶିକ୍ଷକ ରାଙ୍ଗା ମୁର୍ମୁଙ୍କ କହିବା ମୁତାବକ ବୁଧବାର ସକାଳେ ୯ଟାରେ ଛାତ୍ରଛାତ୍ରୀ ବିଦ୍ୟାଳୟ ବାରଣ୍ଡାରେ ମଧ୍ୟାହ୍ନ ଭୋଜନ କରୁଥିବା ସମୟରେ ଛାତରୁ ପ୍ଲାଷ୍ଟର ଖସି ପଡ଼ିଥିଲା। ଫଳରେ ତୃତୀୟ ଶ୍ରେଣୀରେ ପଢୁଥିବା ଗୋବିନ୍ଦ ହେମ୍ବ୍ରମଙ୍କ ମୁଣ୍ଡ ଉପରେ ପ୍ଲାଷ୍ଟର ଖସି ପଡ଼ିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦୁର୍ଘଟଣା ସମୟରେ ଅନ୍ୟ ଛାତ୍ରଛାତ୍ରୀ ଦୌଡ଼ି ପଳାଇଥିଲେ। ତେବେ ଆହତ ଛାତ୍ରଙ୍କୁ ଶ୍ରୀ ମୁର୍ମୁ ମୋରଡା ଡାକ୍ତରଖାନାକୁ ନେଇ ଚିକିତ୍ସିତ କରାଇଥିଲେ।



ଛାତ୍ର ଜଣଙ୍କ ମୁଣ୍ଡରେ ଦୁଇଟି ଷ୍ଟିଚ ପଡ଼ିଥିବା ଜଣାପଡ଼ିଛି। ତେବେ ବିପଦସଂକୁଳ ଅବସ୍ଥାରେ ସ୍କୁଲର କକ୍ଷଗୁଡିକ ଥିବାରୁ ନୂତନ ଗୃହ ନିର୍ମାଣ କରିବାକୁ ଦାବି ହେଉଛି; ନଚେତ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡିବେ ନାହିଁ ବୋଲି ସୀତା ହେମ୍ବ୍ରମ ଙ୍କ ସମେତ ଅନ୍ୟ ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ତେବେ ପଞ୍ଚାୟତ ପ୍ରଶାସନ ଏବଂ ଶିକ୍ଷା ବିଭାଗର ଅବହେଳା ଯୋଗୁଁ ଏଭଳି ଅଘଟଣ ଘଟିଲା ବୋଲି ୱାର୍ଡ ସଦସ୍ୟ ବିଶ୍ୱନାଥ ମୁର୍ମୁ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ବାରମ୍ବାର ପଞ୍ଚାୟତ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି ସହକାରୀ ଶିକ୍ଷକ ରାଙ୍ଗା ମୁର୍ମୁ କହିଛନ୍ତି। ଏ ନେଇ ମୋରଡା ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟାଳୟର ଗୃହ ବିପଦ ସଂକୁଳ ଅବସ୍ଥାରେ ଥିବା ନେଇ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ତେବେ ଏବେ ଅସ୍ଥାୟୀଭାବେ ଅଙ୍ଗନୱାଡି ଗୃହରେ ଶିକ୍ଷାଦାନ ଚାଲିବ ବୋଲି ସେ କହିଛନ୍ତି।

# ରୋଜଗାରର ମାଧ୍ୟମ ପାଲଟିଛି ମହୁଲ ଫୁଲ

ମୋରଡ଼ା, ୩।୪ (ସମିସ): ରୋଜଗାରର ମାଧ୍ୟମ ପାଲଟିଛି ମହୁଲ ଫୁଲ। ଗାଁ ଗାଁରେ ଏବେ ମହୁଲ ଫୁଲର ମହକ। ବସନ୍ତ ଋତୁରେ ମହୁଲ ଫୁଲର ମହକରେ ମହକୁଛି ମୟୂରଭଞ୍ଜ ଜିଲ୍ଲାର ବଣପହାଡ ଘେରା ସମସ୍ତ ଗାଁ। ତେବେ ବିଶେଷକରି ମୋରଡ଼ା ବ୍ଲକର ଆଦିବାସୀଙ୍କ ଜୀବନ ଜୀବିକା ସହିତ ଜଡିତ ଏହି ଫୁଲ ରହିଥିବାବେଳେ ଏହାକୁ ଜଙ୍ଗଲରୁ ସଂଗ୍ରହ କରି ବିକ୍ରୟ କରୁଛନ୍ତି ଲୋକେ। ଏହି ଫୁଲ ଏବେ ଲୋକଙ୍କ ଜୀବିକାର ମାଧ୍ୟମ ପାଲଟିଛି। ରାତି ପାହିଲେ ଗାଁର ଅଧିକାଂଶ ଲୋକେ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲ ତଥା ଡାହି ମୁହାଁ ହେଉଛନ୍ତି।



**ବିକ୍ରିବଟାର ବ୍ୟବସ୍ଥା କରିବାକୁ ଦାବି**



ପିଲାଠାରୁ ବୁଢା ପର୍ଯ୍ୟନ୍ତ ପରିବାରର ସମସ୍ତ ସଦସ୍ୟ ମହୁଲ ଫୁଲ କୁଢେଇବାରେ ବ୍ୟସ୍ତ। ବସନ୍ତର ଆଗମନରେ ମହୁଲ ଗଛରେ ମହୁଲ ଫୁଲ ଫୁଟିଥାଏ। ମାସେ ଦୁଇ ମାସ ଭିତରେ ଏହା ବନ୍ଦ ହୋଇଯାଏ। ତେଣୁ ଏହି କିଛିଦିନ ମହୁଲ ଗୋଟାଇ ଆଦିବାସୀମାନେ କିଛିଟା ରୋଜଗାର କରିଥାଆନ୍ତି। ମହୁଲ ଫୁଲ ଓ ଆଦିବାସୀ ର ସମ୍ପର୍କ ବହୁ ପୁରାତନ। ସାଧାରଣତଃ ଆଦିବାସୀ ମାନେ ମହୁଲକୁ ଖାଦ୍ୟ ଭାବେ ଓ କିଛି ଲୋକ ମଦ ତିଆରି କରିବାରେ ବ୍ୟବହାର କରନ୍ତି। ଆଉ କିଛି ଲୋକ ଏହାକୁ ଶୁଖାଇ ପିଢ଼ିଆ ଭାବେ ବ୍ୟବହାର କରି ଗାଈ ଗୋରୁଙ୍କୁ ଖାଦ୍ୟ ଭାବେ ମଧ୍ୟ ଦେଇଥାନ୍ତି। ମହୁଲ ଗୋଟାଳିମାନେ ମହୁଲ ଗୋଟେଇ ତାହାକୁ ଶୁଖାଇ ଯେଉଁ ପରିଶ୍ରମ କରିଥାନ୍ତି ତାଙ୍କୁ ସେହିଭଳି ଉଚିତ ମୂଲ୍ୟ ମିଳେ ନାହିଁ। ସରକାର ଯେମିତି ଅନ୍ୟ ଲଘୁ ଜଙ୍ଗଲ ଜାତ ଦ୍ରବ୍ୟକୁ ଲୋକଙ୍କଠାରୁ କ୍ରୟ କରୁଛନ୍ତି ସେହିପରି ମହୁଲକୁ ଲୋକଙ୍କ ଠାରୁ ସିଧାସଳଖ କ୍ରୟ କଲେ ଲୋକେ ଉପକୃତ ହୋଇପାରନ୍ତେ ଓ ମହୁଲର ଉପଯୁକ୍ତ ମୂଲ୍ୟ ମିଳିପାରିଥାନ୍ତେ ବୋଲି ସେକ୍ ମୁସ୍ତାଫା କହିଛନ୍ତି। ଅନେକ ସମୟରେ ଆଦିବାସୀଙ୍କ ସରଳତାର ଲାଭ ଉଠାନ୍ତି ବ୍ୟବସାୟୀ ଓ ମଦଭାଟି ମାଲିକ। ବିକ୍ରି ବଟାର ବ୍ୟବସ୍ଥା ନ ଥିବାରୁ କମ ମୂଲ୍ୟରେ ବିକ୍ରି କରବାକୁ ମହୁଲ ଚାଷୀ ବାଧ୍ୟ ହୋଉଛନ୍ତି ବୋଲି ଚାଷୀ ରଞ୍ଜନ ମହାନ୍ତ ପ୍ରକାଶ କରିଛନ୍ତି।

## ୩ ବିଦେଶୀ ମଦ ଦୋକାନରେ ପଡ଼ିଲା ତାଲା

ମୋରଡ଼ା, ୩।୪(ସମିସ): ମୋରଡ଼ା ସରକାରୀ ସୀକୃତିପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ, ଦାନ୍ତିଆମୁହାଁରେ ଥିବା ସରକାରୀ ଠିପି ବନ୍ଦ ମଦ ଦୋକାନ ଏବଂ ରାସଗୋବିନ୍ଦପୁର ସରକାରୀ ଠିପି ବନ୍ଦ ମଦ ଦୋକାନରେ ଅବକାରୀ ବିଭାଗ ତରଫରୁ ତାଲା ପକାଯାଇଛି। ସୂଚନାଯୋଗ୍ୟ ଯେ, ଏହି ୩ଟି ମଦ ଦୋକାନ ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ମଦ ଉଠାଇ ନ ପାରିବା ଏବଂ ଜରିମାନା ଭରଣ ନ କରିବାରୁ ଦୋକାନଗୁଡିକୁ ତାଲା ପକାଇ ଦିଆଯାଇଛି। ତେବେ ସମସ୍ତ ଫାଇନ ସରକାରଙ୍କ ନିକଟରେ ଦାଖଲ କଲା ପରେ ଦୋକାନ ଖୋଲିବ ବୋଲି ଅବକାରୀ ଥାନା ଅଧିକାରୀ ବ୍ରଜମୋହନ ମଲ୍ଲିକ ସୂଚନା ଦେଇଛନ୍ତି।

## ବିଜେପି ପ୍ରାର୍ଥୀ ଭାସ୍କରଙ୍କୁ ଦଳୀୟ କର୍ମୀଙ୍କ ବିରୋଧ

ଉଦଳା, ୩।୪(ସମିସ): ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପକ୍ଷରୁ ଭାସ୍କର ମଢେଇଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ପ୍ରାର୍ଥୀ ଘୋଷଣା ପରେ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି। ଶ୍ରୀ ମଢେଇଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି କର୍ମୀମାନେ ଉଦଳା ଏନ.ଏ.ସି.ର ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ବିଭିନ୍ନ ପ୍ରକାର ନାରାବାଜି ସହ ବିରୋଧ କରିଥିଲେ। ସେ ବିଧାୟକ ସମୟରେ ଦଳୀୟ କର୍ମୀଙ୍କୁ ଭେଟି ନାହାନ୍ତି କି କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିନଥିବା କର୍ମୀମାନେ ଅଭିଯୋଗ କରିଛନ୍ତି। ଯଦି ଦଳ ପକ୍ଷରୁ ଏହାର ପୁନର୍ବିଚାର ନ କରିବେ ସେମାନେ ଶ୍ରୀ ମଢେଇଙ୍କୁ ନିର୍ବାଚନରେ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଜବାହର ନବୋଦୟ ପରୀକ୍ଷାରେ ରାଜଲକ୍ଷ୍ମୀଙ୍କ କୃତିତ୍ୱ

ମହୁଲଡିହା, ୩।୪(ସମିସ): ଜବାହର ନବଦୋୟ ପରୀକ୍ଷାରେ ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଶିଶୁ ମନ୍ଦିର ସଫଳତା ହାସଲ କରିଛି। ଶିଶୁ ମନ୍ଦିରର ୫ମ ଶ୍ରେଣୀ ଛାତ୍ରୀ ରାଜଲକ୍ଷ୍ମୀ ମହାନ୍ତ ଏହି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେ ମହୁଲଡିହା ଫରେଷ୍ଟ ସେକ୍ସନର ବନରକ୍ଷୀ ଗଦାଧର ମହାନ୍ତଙ୍କ ଜ୍ୟେଷ୍ଠ କନ୍ୟା। ଜବାହର ନବୋଦୟ ପରୀକ୍ଷାରେ ରାଜଲକ୍ଷ୍ମୀ ଉତ୍ତୀର୍ଣ୍ଣ ହୋଇଥିବାରୁ ମହୁଲଡିହା ଅଞ୍ଚଳ ତଥା ଶିଶୁ ମନ୍ଦିରରର ପ୍ରଧାନ ଗୁରୁମା ହେମଲତା ମହାନ୍ତଙ୍କ ସହ ସମସ୍ତ ଗୁରୁମା ଓ ଶିଶୁ ଭାଇଭଉଣୀ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସେ ଏହି ସଫଳତା ପାଇଁ ରାଜଲକ୍ଷ୍ମୀ ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମା ଓ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି।



## ବି.ବି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ




କୁଳିଅଣା, ୩।୪(ସମିସ): ବାଇଗଣବାଡିଆ ସ୍ଥିତ ବି.ବି. ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷାଭାବେ ପ୍ରାଧ୍ୟାପିକା ଡ. ଅଳକା ମଞ୍ଜରୀ ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ପ୍ରଶାସନିକ ଅଧିକ୍ଷରୀ ଡ଼କ୍ଟର ରାଜେନ୍ଦ୍ର କୁମାର ଦାସ, ଏକାଡେମିକର ମେଘମାଳା ବେହେରା, ଷ୍ଟାଫ କାଉନସିଲ ସେକ୍ରେଟାରୀ ଡକ୍ଟର ଶ୍ରୀନାଥ ସାମଲ, ପ୍ରାଧ୍ୟାପକ ଡ଼କ୍ଟର କେଦାର ଚନ୍ଦ୍ର ପରିଡ଼ା ପ୍ରମୁଖ ନୂତନ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଧୂନି ମଠରୁ ଆଶୀର୍ବାଦ ନେଇ ପ୍ରାରମ୍ଭରେ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ନୂତନ ଅଧ୍ୟକ୍ଷା ମହାବିଦ୍ୟାଳୟର ସୁପରିଚାଳନା ତଥା କଲେଜକୁ ଆହୁରି ଆଗକୁ ଉନ୍ନତିର ପଥରେ ନେବାପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପ୍ରକାଶ ଥାଉ କି ଡ଼କ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିବା ପରେ ଡ଼କ୍ଟର ଭୂୟାଁ ନୂତନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମହାବିଦ୍ୟାଳୟର ପ୍ରଥମ ମହିଳା ଅଧ୍ୟକ୍ଷା ପଦ ପାଇଛନ୍ତି। ଏହାପରେ ସେ କଲେଜ ପ୍ରତିଷ୍ଠାତା ସମ୍ପାଦକ କେଦାର ଚନ୍ଦ୍ର ନାୟକଙ୍କ ଆଶୀର୍ବାଦ ନେଇଥିଲେ।

## ଗୁରୁ ବେଣୁଧର ବେହେରାଙ୍କ ଜୟନ୍ତୀରେ 'ମାଟିଫୁଲ' ଉନ୍ମୋଚିତ



କପ୍ତିପଦା, ୩।୪(ସମିସ): ବଡଖଲାଡି ପଞ୍ଚାୟତ ନୂଆସାହି ମାଟିଫୁଲ କାର୍ଯ୍ୟାଳୟ ପରିସରରେ ଗୁରୁ ବେଣୁଧର ବେହେରାଙ୍କ ୯୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମାଟିଫୁଲ ପତ୍ରିକାର ଓଡ଼ିଆ ନବବର୍ଷ ସଂଖ୍ୟାର ଉନ୍ମୋଚନ ହୋଇଛି। ମଣିଷ ସ୍ନାନକଲେ ଦେହ ସିନା ସୂଚି ହୋଇଥାଏ; ମାତ୍ର ମହାନ ବ୍ୟକ୍ତିଙ୍କର ସ୍ମୃତିଚାରଣ କଲେ ମନ, ଆତ୍ମା, ପ୍ରାଣ ସୂଚିସ୍ନାତା ହୋଇଥାଏ। ବେଣୁସାରଙ୍କ ପରି ତ୍ୟାଗୀ, ପରୋପକାରୀ ଏବଂ ସମାଜସେବୀଙ୍କ ଜୟନ୍ତୀ ପାଳନ ଗଙ୍ଗୋତ୍ରୀରେ ସ୍ନାନ ତୁଲ୍ୟ ବୋଲି ହୃଦବୋଧ ହୁଏ। ବେଣୁସାର ଏକାଧାରରେ ପ୍ରବୀଣ ଶିକ୍ଷାବିତ, ସମାଜସେବୀ, ଚିକିତ୍ସକ ତଥା ସାହିତ୍ୟିକ ଥିଲେ। ଯାହାଙ୍କ ଅର୍ଦ୍ଧଶତାବ୍ଦୀ ଧରି ପ୍ରକାଶ ପାଇ ଆସୁଥିବା ରଜଦୋଳି ଗୀତ କବିତା ପୁସ୍ତିକା ଏ ମାଟି ଓ ମଣିଷର ହୃଦୟର ହୃଦତନ୍ତ୍ରର ସ୍ୱରକୁ ଲିପିବଦ୍ଧ କରି ପାରିଛି ବୋଲି ମୁଖ୍ୟଅତିଥି ଗଡ଼ିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ 'ମାଟିଫୁଲ'ର ସମ୍ପାଦକ ଗାଳ୍ପିକ ବସନ୍ତ କୁମାର ରାଉଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ସାହିତ୍ୟିକ ନରସିଂହ ବାରିକ, ହିମାଂଶୁ ଶେଖର ଦାସ, ଯଦୁନାଥ ଶତପଥୀ, ରାଜକିଶୋର ବେହେରା, ପ୍ରଫୁଲ୍ଲ କୁମାର ଖିଲାର, ବିଶ୍ୱନାଥ ଖିଲାର, ଜଗବନ୍ଧୁ ଜେନା, ବିରଞ୍ଚି ନାରାୟଣ ବେହେରା, ବାଇଧର ବେହେରା, ଚିନ୍ତାମଣି ବେହେରା ପ୍ରମୁଖ ଯୋଗଦେଇଥିଲେ। ଶେଷରେ 'ମାଟିଫୁଲ'ପତ୍ରିକାକୁ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ବିଶିଷ୍ଟ ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର ମାଟିଫୁଲର ଗତି-ସ୍ଥିତି-ପ୍ରଗତି ସମ୍ପର୍କରେ ସମବେତ ଜନତାଙ୍କୁ ଅବଗତ କରାଇଥିଲେ।

**ଡ୍ରେନ ନିର୍ମାଣରେ ପଡ଼ିଲା ପୂର୍ଣ୍ଣଚ୍ଛେଦ**

# ଜେସିବି ଲଗାଇ ଡ୍ରେନକୁ ପୋତିଲା ପ୍ରଶାସନ

ମୋରଡ଼ା, ୩।୪(ସମିସ): ମୋରଡ଼ା ବ୍ଲକ ତଥା ପଞ୍ଚାୟତରେ ଏକ ଡ୍ରେନ ନିର୍ମାଣକୁ ନେଇ ପୂର୍ବରୁ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ଦୁଇ କମିଟି ମଧ୍ୟରେ ପ୍ରେସମିଟ୍ କରାଯାଇଥିଲା। ତେବେ ଆଜି ଡ୍ରେନ ନିର୍ମାଣର ପୂର୍ଣ୍ଣଚ୍ଛେଦ ପଡ଼ିଛି। ପ୍ରଶାସନ ତରଫରୁ ଖୋଲାଯାଇଥିବା ଗାତକୁ ଜେସିବି ସାହାଯ୍ୟରେ ପୋତା ଯାଇଛି। ସୂଚନାଯୋଗ୍ୟ ଯେ, ମୋରଡ଼ାର ଲ୍ୟାମ୍ପ ଛକଠାରୁ ପୂର୍ତ୍ତ ବିଭାଗ ବଙ୍ଗଳା ପର୍ଯ୍ୟନ୍ତ ବିଧାୟକଙ୍କ ପାଣ୍ଠିରୁ ୭ ଲକ୍ଷ ୫୦ ହଜାର ଟଙ୍କା ଡ୍ରେନ ନିର୍ମାଣ ପାଇଁ ପଶ୍ଚିମ ପାର୍ଶ୍ୱରେ ଗାତ ଖୋଳାଯାଇଥିଲା; ଯେଉଁ କେନାଲ ନିର୍ମାଣକୁ ବିରୋଧ କରି ଡିକେ ଆଲୁମିନିୟମ ଫ୍ୟାକ୍ଟ୍ରିର ମାଲିକ ବିବେକାନନ୍ଦ ବିନ୍ଧାଣିଙ୍କ ଉପରେ କିଛି ଯୁବକ ଆକ୍ରମଣ କରିଥିବା ମୋରଡ଼ା ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା; କିନ୍ତୁ ଆଜକୁ ୧୭ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଦୁଇ ତାରିଖରେ ମୋରଡ଼ା ଥାନା ଅଧିକାରୀ, ତହସିଲଦାର, ବିଡ଼ିଓଙ୍କୁ ମୋରଡ଼ା ବଣିକ ସଙ୍ଘ ଦାବିପତ୍ର ପ୍ରଦାନ କରିବା ସହିତ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀଙ୍କୁ ଡାକଯୋଗେ ଏକ ଦାବିପତ୍ର ପ୍ରେରଣ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ ଯେଉଁ ରାସ୍ତାକୁ ଯୁବକମାନେ ଖୋଳି ସର୍ବସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ଖୋଳା ଯାଇଥିବା ଗାତକୁ ନ ପୋତିଲେ ଆଗାମୀ ପାଞ୍ଚ ତାରିଖରେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ଏହାପରେ ବୁଧବାର ମୋରଡ଼ା ବିଡ଼ିଓ ଅଣାକାର ନାୟକ, ଥାନା ଅଧିକାରୀ ସତ୍ୟନାରାୟଣ ବଳ, ତହସିଲଦାର ଉତ୍ତମ କୁମାର ଜେନା ଏବଂ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ଆରତୀ ଧଳଙ୍କ ଉପସ୍ଥିତରେ ଉକ୍ତ ରାସ୍ତାକୁ ଜେସିବି ଲଗାଇ ସମତଳ କରାଯାଇଛି।




## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ରାଇରଙ୍ଗପୁର, ୩।୪(ସମିସ): ରାଇରଙ୍ଗପୁର ପୌରପରିଷଦ ଅନ୍ତର୍ଗତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷାନୁଷ୍ଠାନର ବିକାଶ ଦିଗରେ ଓ ଗୁଣାତ୍ମକ ଶିକ୍ଷାଦାନ ଅହରହ ଶିକ୍ଷକମାନଙ୍କ ଅବଦାନ ଯୋଗୁଁ ଶିକ୍ଷାନୁଷ୍ଠାନର ଅଗ୍ରଗତି ପରିଲକ୍ଷିତ ହେଉଛି ବୋଲି ଅଧ୍ୟକ୍ଷ ଅଶ୍ୱିନୀ କୁମାର ଜ୍ୟୋତିଷି ସଭାରେ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟଅତିଥିରୂପେ ଅନୁଷ୍ଠାନର ସଭାପତି ବରୁଣ ଦେ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ରଘୁନାଥ ଦାସ, କୋଷାଧ୍ୟକ୍ଷ ବିଷ୍ଣୁପ୍ରସାଦ ଜେନା ଓ କାର୍ଯ୍ୟକାରୀ ସଭ୍ୟ ମନମୋହନ ପରମାଣିକ ଯୋଗଦେଇଥିଲେ। ସଭାରେ ଅଧ୍ୟକ୍ଷ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା କାର୍ଯ୍ୟକ୍ରମ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ବିଷ୍ଣୁପଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଉପାଧ୍ୟକ୍ଷ ଅଶିତ କୁମାର ମହାନ୍ତ କରିଥିଲେ।

## ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୭ତମ ଉତ୍ସ୍ବଜୀ ମହୋତ୍ସବ

ବୈଶିଙ୍ଗା, ୩।୪(ସମିସ): ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତିଷ୍ଠା କଳ୍ପେ ୧୭ତମ ଉତ୍ସ୍ବଜୀ ମହାମହୋତ୍ସବ ବୈଶିଙ୍ଗା ନିକଟସ୍ଥ ମହୁରୀ ଉଡାପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ଚରଣାଶ୍ରିତ ଶହ ଶହ ଭକ୍ତ ବୃନ୍ଦ ସମାଗମ ସହଯୋଗରେ ବ୍ରାହ୍ମ ମୁହୂର୍ତ୍ତରେ ନହବତ, ଉଷା କୀର୍ତ୍ତନ, ବିନତୀ ପ୍ରାର୍ଥନା ସହିତ ସତଗ୍ରନ୍ଥ ପଠନ ପରେ ୭ ଘଟିକା ସମୟରେ ଠାକୁରଙ୍କ ପ୍ରତିମୂର୍ତ୍ତୀଙ୍କୁ ବିମାନରେ ନେଇ ନଗର କୀର୍ତ୍ତନ କରାଯାଇଥିଲା। ୯ ଘଟିକା ସମୟରେ ଋତ୍ୱିକ୍‌ଙ୍କ ଅଧ୍ୟକ୍ଷତାରେ ଆର୍ଯ୍ୟ କୃଷ୍ଟି ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ବୋଧବିକ୍ଷଣୀ ସଭା ଅନୁଷ୍ଠିତ ହୋଇଥିଲା ଓ ଉପସ୍ଥିତ ଜ୍ଞାନୀ, ଗୁଣୀ, ଧର୍ମଯାଜକ ବୃନ୍ଦ ଶ୍ରୀଶ୍ରୀ ଠାକୁରଙ୍କ ବାଣୀ 'ସମଗ୍ର ମାନବ ଜାତିର ଉଦ୍ଧାର ମାନସେ, ଯୁଗ ଗୁରୁଙ୍କ ବାସ୍ତବ ଧର୍ମାଚରଣର ଧାରା'କୁ ନେଇ ବାସ୍ତବ ଜୀବନରେ ସଦ୍ ଗୁରୁଙ୍କର ଆବଶ୍ୟକ୍ତା ଉପରେ ଭକ୍ତଙ୍କୁ ଉପଦେଶ ଦେଇଥିଲେ। ଆନନ୍ଦ ବଜାରରେ ମଧ୍ୟାହ୍ନ ଭୋଜନ ବିରତି ପରେ ୩ଘଟିକା ସମୟରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। 'ଆଦର୍ଶ ସମାଜ ଗଠନରେ ନାରୀର ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ମହିଳା ଭକ୍ତମାନେ ନିଜନିଜର ଅନୁଭୂତିକୁ ନେଇ ବକ୍ତବ୍ୟ ରଖିଥିଲେ। ସୁସନ୍ତାନପ୍ରାପ୍ତି ପାଇଁ ଉତ୍ତମ ପରିବେଶ, ସାତ୍ତ୍ୱିକ ଆହାର, ତଥା ଭଗବତ୍ ଜ୍ଞାନର ଆବଶ୍ୟକ୍ତା ଉପରେ ପର୍ଯ୍ୟବେକ୍ଷିତ ହୋଇଥିଲା। ସନ୍ଧ୍ୟା ଘ.୫.୫୭ ମି.ରେ ସନ୍ଧ୍ୟା ବିନତୀ ପରେ ଦେଓଘର ମଉଖ୍ୟ ଆଶ୍ରମର ଶ୍ରୀଶ୍ରୀ ଠାକୁରଙ୍କ ପୌତ୍ର ପୂଜ୍ୟପାଦ ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ମହାଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ସାଧନ ଜୀବନରେ ସଦଗୁରୁ ସତନାମ ସଦାଚାର ଓ ସତ୍ୟର ବ୍ୟାପକ ପ୍ରଚାର ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବହୁ ଋତ୍ୱିକ୍ ଶ୍ରୀଶ୍ରୀ ଠାକୁରଙ୍କ ଅମୃତ ବାଣୀ, ନୀତି, ଆଦର୍ଶ ଓ ଅନୁଶୀଳନର ତତ୍ତ୍ୱ ଉପରେ ଉପାଦେୟ ବକ୍ତବ୍ୟ ଦେଇଥିଲେ।

### ଅବହେଳିତ ଶୁଖିଲାହାର ଶ୍ମଶାନର ଉନ୍ନତିକରଣ କାମ ଆରମ୍ଭ

# ମାଟି ମା' ପାଇଁ ସହଯୋଗର ହାତ ବଢ଼ାଇଲେ ବିନୋଦ

ବେତନଟୀ, ୩।୪(ସମିସ): ବେତନଟୀ ସହର ତଥା ଆଖପାଖ ଗାଁର ନିର୍ଭରଶୀଳ ହଜାର ହଜାର ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୁଖିଲାହାର ଶ୍ମଶାନର ଉନ୍ନତିକରଣ ନିମନ୍ତେ ସହଯୋଗର ହାତ ବଢ଼ାଇଛନ୍ତି ବିନୋଦକୁମାର ଅଗ୍ରୱାଲା। ସେ ତାଙ୍କ କମ୍ପାନୀର ସିଏସଆର ପାଣ୍ଠିରୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇଲେ ବିନୋଦ କୁମାର ଅଗ୍ରୱାଲା। କ୍ରମବର୍ଦ୍ଧିଷ୍ଣୁ ଜନବହୁଳ ବେତନଟୀ ସମେତ ଶୁଖିଲାହାର ସାମିଲ ମହୁଲିଆ, ଭୋଗବାଟି, ଇନ୍ଦିରାନଗର, ସଠିଲୋର କିଛିଅଂଶ, ଆମ୍ବଯୋଡା, ପଣ୍ଡୁଗଡ଼ିଆ ପ୍ରଭୃତି ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଶୁଖିଲାହାରବନ୍ଧ ସ୍ଥିତ ଏକମାତ୍ର ସ୍ମଶାନ ଉପରେ ନିର୍ଭରଶୀଳ ରହିଆସିଛନ୍ତି। ତେବେ ବେତନଟୀ ଶ୍ମଶାନ ବର୍ଷବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ବେଳେ ଶବସଂସ୍କାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲଟାବୁଦାରେ ପରିପୂର୍ଣ୍ଣ ଶ୍ମଶାନ ସାଙ୍ଗକୁ ବର୍ଷବର୍ଷ ଧରି ସଫାସୁତରା ଅଭାବରୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ବେତନଟୀର ପ୍ରତିଷ୍ଠିତ ବ୍ୟବସାୟୀ କୈଳାସଚନ୍ଦ୍ର ଅଗ୍ରୱାଲା ଏନେଇ ଉଦବେଗ ପ୍ରକାଶ କରିବା ସହିତ ଶ୍ମସାନର ପୁନରୁଦ୍ଧାର ସାଙ୍ଗକୁ ଉନ୍ନତିକରଣ ନେଇ ପରାମର୍ଶ ଦେଇଥିଲେ। ଏହାପରେ ୧୧ଜଣିଆ କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ବ୍ୟବସାୟୀ କୈଳାସଚନ୍ଦ୍ର ଅଗ୍ରୱାଲାଙ୍କ ସାନଭାଇ ବିନୋଦ କୁମାର ଅଗ୍ରୱାଲାଙ୍କ ମଧ୍ୟପ୍ରଦେଶର ଇନ୍ଦୋରରେ ଏକ ବ୍ୟାବସାୟିକ ପ୍ରତିଷ୍ଠାନ ରହିଛି। ସେ ନିଜର କମ୍ପାନୀର ସିଏସଆର ପାଣ୍ଠିରୁ ପ୍ରାଥମିକ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। କମିଟିର ସଭାପତି ସତୀଶ କୁମାର ସାହୁ, ସମ୍ପାଦକ ସୁନୀଲ କୁମାର ଖଣ୍ଡେଲୱାଲ, କୋଷାଧ୍ୟକ୍ଷ ଶଶିଭୂଷଣ ଖଣ୍ଡେଲୱାଲ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ମଶାନର ଉନ୍ନତିକରଣ କାମ ଆରମ୍ଭ ହୋଇଛି। ଶ୍ମଶାନ ଭିତରକୁ ଏକ ପକ୍କାରାସ୍ତା ସାଙ୍ଗକୁ ଛୋଟ ବଗିଚା ମଧ୍ୟ କରାଯିବାର ଯୋଜନା ରହିଛି। ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଶବସଂସ୍କାର କରିବାକୁ ଆସୁଥିବା ମୃତକଙ୍କ ଆତ୍ମୀୟ ଏବଂ ସମ୍ପର୍କୀୟଙ୍କ ବସିବା ପାଇଁ ମଧ୍ୟ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବାର ଯୋଜନା ଥିବା ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି। ସୋମବାର ବିନୋଦ କୁମାର ଅଗ୍ରୱାଲା ବେତନଟୀକୁ ଆସିଥିବା ସମୟରେ ଶ୍ମଶାନରେ ନିର୍ମାଣାଧୀନ ଉନ୍ନତିକରଣ କାର୍ଯ୍ୟ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ। ସେହିପରି ଅବରସପ୍ରାପ୍ତ ବରିଷ୍ଠ ଅଧିକାରୀ ଅଜିତ କୁମାର ମିଶ୍ର ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।



## ପଞ୍ଚମ ଶ୍ରେଣୀଙ୍କ ମେଧା ବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ସୋସୋ,୩।୪(ସମିସ):** ହାଟଡ଼ିହି ବ୍ଲକର ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ସରସ୍ୱତୀ ବିଦ୍ୟା ମନ୍ଦିର ହାଟଡିହିର ସ୍ୱର୍ଣ୍ଣାକ୍ଷୀ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ସରକାରୀ ୟୁପିଏସ୍ ବେରୁଣପଦି ବିଦ୍ୟାଳୟର ସମୀକ୍ଷା ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସରକାରୀ ଶିଶୁ ବିଦ୍ୟା ମନ୍ଦିର ସୋସୋ କାନପୁରର ଆଦ୍ୟାସା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହାଟଡିହିର ଦିବେସ୍ ମଲ୍ଲିକ ଚତୁର୍ଥ ସ୍ଥାନ, ସରକାରୀ ୟୁପିଏସ୍ ବାଙ୍ଗୋର ଇତି ପ୍ରଜ୍ଞା ପଡ଼ିଆରୀ ପଞ୍ଚମ ସ୍ଥାନ, ସରକାରୀ ୟୁପିଏସ ଛେନାପଦି ଖୁସି ନାୟକ ଷଷ୍ଠ ସ୍ଥାନ ଓ ସରସ୍ୱତୀ ଶିଶୁ ମନ୍ଦିର ମତାବାଜର ରିତେଶ ଲୋଚନ ସା ସପ୍ତମ ସ୍ଥାନ ଅଧିକାର କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଚମ୍ପୁଆ,୩।୪(ସମିସ):** ମଙ୍ଗଳବାର ରିମୁଳି ଠାରୁ ବାସୁଦେବପୁର ୫୨୦ ନଂ ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଏହି ଜାତୀୟ ରାଜପଥର ରିମୁଳି ନିକଟସ୍ଥ ତଡୁଆହାଳ ଓ ଆଙ୍ଗୁଳିଆରେ ସଡ଼କ ଦୁର୍ଘଟଣା ଘଟିବା ଏକ ନିତିଦିନିଆ ଘଟଣାରେ ପରିଣତ ହେବା ସହ ଏହି ରାଜପଥ ମରଣଯନ୍ତା ପାଲଟିଛି। ଫଳରେ ଅକାଳରେ ଅନେକ ନୀରିହ ଜୀବନ ଯାଉଥିବାବେଳେ ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ତଥାପି ଚେତୁ ନାହିଁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ଓ ପୁଲିସ ବିଭାଗ। ଗତକାଲି ରାତି ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ହସ୍ତଗତ ହୋଇଛି। ଗତକାଲି ରାତି ୯ଟାରେ ପୁରଞ୍ଜୟ ନାମକ ଯୁବକ ଯୋଡ଼ାରୁ ଡ୍ୟୁଟି ସାରି ଫେରୁଥିବା ବେଳେ ନାରଦ ପୁର ନିକଟସ୍ଥ ଅମଲାନିଗୋଡ଼ାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ତାଙ୍କୁ ନିକଟସ୍ଥ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟ ଘଟିଥିଲା। ଖବର ପାଇ ରିମୁଳି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରକୁ ପଠାଇ ତଦନ୍ତ ଆରମ୍ଭ କରିଛି।

## ଜମ୍ବିରାରେ ଅଷ୍ଟପ୍ରହର ନାମଯଜ୍ଞ



**ହାଟଡ଼ିହି,୩।୪(ସମିସ):** ହାଟଡ଼ିହି ବ୍ଲକ୍ ଜମ୍ବିରା ଗ୍ରାମରେ ଲୀଳାମୟ ଠାକୁର ପ୍ରଭୁ ଶ୍ରୀହରିଙ୍କ ନାମ ସଙ୍କୀର୍ତ୍ତନ ଉଦ୍ଦେଶ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମଟି ଗ୍ରାମବାସୀ ଓ ନିତାଇଗୌର ଭକ୍ତବୃନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଶୁଭାଧିବାସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମଦନ ଜେନା, ଭରତ ସାହୁ, ନାରାୟଣ ଗିରି, ବିନୋଦ ବେହେରା, ଅବନୀ ଗିରି, ଟିମା ବେହେରା, ଲିପୁ ମହାନ୍ତି, ଦିପୁ ଜେନା, ଅମରେନ୍ଦ୍ର ଖୁଣ୍ଟିଆ, ପ୍ରଦୀପ ସ୍ୱାଇଁ, ମହେନ୍ଦ୍ର ବେହେରା, ଅମୂଲ୍ୟ କୁମାର ସାହୁ, ବିଜୟ କୁମାର ସାହୁ, ବିଜୟ ରାଉତ ପ୍ରମୁଖ ଏହାର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ଭୋର୍ ସମୟରେ ସକାଳ ଧୂପ ସହ ନୈବେଦ୍ୟ ଅର୍ପଣ କରି ପ୍ରଭୁଙ୍କ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ଉଭୟ ଦିନରାତି ପ୍ରଭୁଙ୍କ ନାମ ସଙ୍କୀର୍ତ୍ତନ ପରେ ବୁଧବାର ସକାଳେ ରାସକୀର୍ତ୍ତନ ସହିତ ଅପରାହ୍ଣରେ ନଗର ସଂକୀର୍ତ୍ତନ ଓ ପରିକ୍ରମା ପରେ ଜଳାଶୟରେ କଳସ ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ଉଦୀୟମାନ ଯୁବକମାନେ ସହଯୋଗ କରିଥିଲେ।

## ପାଟଣାରେଞ୍ଜରେ ଦନ୍ତା ଉପଦ୍ରବ; ଭାଙ୍ଗିଲା ୨ଘର

**ତୁରୁମୁଙ୍ଗା,୩।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣାରେଞ୍ଜରେ ମାତିଛି ଗୋଠଛଡ଼ା ଦନ୍ତା। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଦନ୍ତା କରଞ୍ଜିଆ ରେଞ୍ଜରୁ ଆସି ସାହାରପଡ଼ା ସେକ୍ସନ ମାଛଗଡ଼ ବିଟ୍ ଅଞ୍ଚଳକୁ ଧସେଇ ପଶି ୨ଟି ଘର ଭାଙ୍ଗିଦେଇଛି।



ଘର ଭାଙ୍ଗି ଭିତରୁ ଧାନଚାଉଳ ଖାଇ ନଷ୍ଟ କରିଦେଇଛି। ହରିଡ଼ାଗୋଠର ହେମଲତା ମୁଣ୍ଡା ଏବଂ ଖଡ଼ିକାପଦା ଗ୍ରାମର ଭଜ ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଛି ହାତୀ। ପରିବାର ଲୋକେ ଘରେ ଶୋଇଥିବାବେଳେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଦନ୍ତାର ଗତିବିଧି ଉପରେ ନଜର ରଖିଛନ୍ତି।

# ଦୂଷିତ ପରିବେଶରେ ଗଣ୍ଡାଗଣ୍ଡା ଫାଷ୍ଟଫୁଡ୍ ଦୋକାନ






### ଖାଦ୍ୟର ମାନ ଯାଞ୍ଚ ପାଇଁ ଦାବି

**କେନ୍ଦୁଝର,୩।୪(ସମିସ)**

କେନ୍ଦୁଝର ସହରର ମୁଖ୍ୟ ବଜାର ସମେତ ଅନ୍ୟାନ୍ୟ ବଜାର, ବସ୍‌ଷ୍ଟାଣ୍ଡ, ରାସ୍ତାକଡ଼ରେ ଫାଷ୍ଟଫୁଡର ଷ୍ଟଲ୍ ଓ ଦୋକାନଗୁଡ଼ିକ ଦେଖିବାକୁ ମିଳୁଛି। ସନ୍ଧ୍ୟା ସମୟରେ ସେହି ଷ୍ଟଲ ନିକଟରେ ଗ୍ରାହକଙ୍କ ଭିଡ଼ ମଧ୍ୟ ଜମୁଛି। କେତେକ ଷ୍ଟଲ ସକାଳେ ଓ ସନ୍ଧ୍ୟାରେ ଖୋଲୁଛି ଆଉ କେତେକ ଦିନବେଳେ ବି ଖୋଲା ରହୁଛି। ଚଟ୍‌ପଟି, ପାଟି ରୁଚିକର ଖାଦ୍ୟର ବର୍ତ୍ତମାନ ଚାହିଦା ଯେପରି ବଢିଛି ସେହି ଅନୁପାତରେ ଫାଷ୍ଟଫୁଡ ଷ୍ଟଲଗୁଡିକ ଖୋଲୁଛି। କିନ୍ତୁ ଏଠାରେ ଦିଆଯାଉଥିବା ଫାଷ୍ଟଫୁଡର ମାନ ପରିଷ୍କାର ଓ ପରିଚ୍ଛନ୍ନତା, ନିୟମର ଅନୁପାଳନ, ପରିବେଶ ଆଦି ସମ୍ପର୍କରେ ଉଭୟ ଦୋକାନୀ ଓ ଗ୍ରାହକ ସଚେତନ ଥିବା ପରି ଜଣାଯାଉନାହିଁ। ଅଭିଯୋଗ ହୁଏ ଯେ, ଖାଦ୍ୟର ମାନ, ପାଣିର ଶୁଦ୍ଧତା ଓ ଖାଦ୍ୟ ପ୍ରସ୍ତୁତ କରୁଥିବା ଲୋକର ପରିଚ୍ଛନ୍ନତା ଉପରେ ନଜର କରିବାକୁ ଉଭୟଙ୍କ ପାଖରେ ସମୟ ନାହିଁ। ଫାଷ୍ଟଫୁଡ ଦୋକାନଗୁଡ଼ିକ ରାସ୍ତାକଡ଼ରେ ଓ ଡ୍ରେନକୁ ଲାଗି ବସିଯାଉଥିବା ଦେଖାଯାଉଛି। ପାଖରେ ଥିବା ନାଳନର୍ଦ୍ଦମା, ଅଳିଆ ଆବର୍ଜନାର ପାହାଡ଼କୁ ବ୍ୟବସାୟୀମାନେ ନଜର ପକାଉନାହାଁନ୍ତି। କେବଳ ଫାଷ୍ଟଫୁଡ ଦୋକାନ ନୁହେଁ ଅନେକ ହୋଟେଲରେ ମଧ୍ୟ ନର୍ଦ୍ଦମା କଡ଼ରେ ରହିଛି। ଯେଉଁଠାରୁ ସବୁବେଳେ ପଚା ଓ ଦୁର୍ଗନ୍ଧ ବାହାରୁଛି। ଲୋକମାନେ ମଧ୍ୟ ସେଇଠି ପହଞ୍ଚି ଖାଇବାରେ ଲାଗିଛନ୍ତି। ଅପରିଷ୍କାର ସ୍ଥାନରେ ଫାଷ୍ଟଫୁଡ ବିକ୍ରି ହେଉଛି। ତାପରେ ଦୋକାନୀମାନେ ଯେଉଁ ପିଇବା ପାଣି ରଖିଥାନ୍ତି ତାହା ଅଧିକାଂଶ ପିଇବା ଉପଯୁକ୍ତ ନୁହେଁ ବୋଲି ସହରର ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନେ ପ୍ରକାଶ କରନ୍ତି। ଯେଉଁଠି କମ ବୟସର ପିଲାମାନେ କାମ କରୁଛନ୍ତି, ସେଇଠି ସେମାନେ ହାତ ଠିକ୍ ଭାବେ ଧୋଉ ନାହାଁନ୍ତି ବୋଲି ଅଭିଯୋଗ ହୋଇଥାଏ। ସେହିପରି ସେମାନେ ବ୍ୟବହାର କରୁଥିବା ଜିନିଷ ଅସନାମୁକ୍ତ ନୁହେଁ। ମୋଟାମୋଟି ପାଟିକୁ ରୁଚିକର ଲାଗୁଥିବା ରାସ୍ତାକଡ଼ ଏହି ଫାଷ୍ଟଫୁଡ ଦେହ ପାଇଁ ନିରାପଦ ନୁହେଁ ବୋଲି ଏହି ସଚେତନ ନାଗରିକମାନେ ପ୍ରକାଶ କରିଛନ୍ତି। କେବଳ ରାସ୍ତାକଡ଼ରୁ ରୋଗ କିଣିବା କଥା ବୋଲି ଡାକ୍ତରମାନେ କହିଛନ୍ତି। ଖାଦ୍ୟର ମାନ ଓ ଶୁଦ୍ଧତା ଉପରେ ଯାଞ୍ଚ କରାଯାଉ ନଥିବାରୁ ଫାଷ୍ଟଫୁଡ ବିକ୍ରି କରୁଥିବା ଦୋକାନୀ ସଚେତନ ହେଉନାହାଁନ୍ତି। ସେମାନେ ଖାଦ୍ୟର ମାନ, ପରିମାଣ ଉପରେ ଦୃଷ୍ଟି ଦେଉନାହାଁନ୍ତି। ଚାହିଦା ରହୁଛି ବୋଲି ନିଜ ଇଚ୍ଛାରେ ଅପରିଷ୍କାର ଜାଗାରେ ଷ୍ଟଲ ପକାଉଛନ୍ତି। ପୁଣି ଅପରିଷ୍କାର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଖାଦ୍ୟକୁ ନେଇ ବର୍ତ୍ତମାନ ପେଟ ଜନିତ ରୋଗ ତାର କାୟା ମେଲାଇ ଚାଲିଛି। କିନ୍ତୁ ବ୍ୟବସାୟୀ କିମ୍ବା ଗ୍ରାହକ କେହିହେଲେ ସଚେତନ ଥିବାଭଳି ଅନୁମାନ ହେଉନାହିଁ। ଫାଷ୍ଟଫୁଡ୍ ଷ୍ଟଲ କରି ବ୍ୟବସାୟୀ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ନିୟମର ଅନୁପାଳନ ନକରିବା ବେଆଇନ ତଥା ଲୋକଙ୍କ ପାଇଁବିପଦର କାରଣ ହୋଇଥିବାରୁ ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗ ଓ ପୁଲିସ ପକ୍ଷରୁ ଚଢ଼ଉ କରି ଖାଦ୍ୟ ମାନର ନିୟମ ଅନୁପାଳନ ଓ ଶୁଦ୍ଧତା ଯାଞ୍ଚ କରିବା ପାଇଁ ଜନସାଧାରଣ ଦାବି କରୁଛନ୍ତି।

**ଅତ୍ୟାଧୁନିକ ଇନ୍‌ଡୋର ଷ୍ଟାଡିୟମ୍**

## କାଳ ସାଜିଛି ବିଦ୍ୟୁତ୍ କାଟ୍

### ଜେନେରେଟର ଯୋଗାଇ ଦେବାକୁ ଦାବି

**ଆନନ୍ଦପୁର,୩।୪(ସମିସ):** ଆନନ୍ଦପୁର ବ୍ରିଜ ଛକ ଷ୍ଟାଡିୟମ୍ ପରିସରରେ ଇନ୍‌ଡୋର ଷ୍ଟାଡିୟମର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମସ୍ତଙ୍କୁ ସୁସ୍ଥ ଓ ଫିଟନେସ୍ ରଖିବା ପାଇଁ ଏହି ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପିତ ହେବା ପରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏପରିକି ବହୁ ସଂଖ୍ୟାରେ ଯୁବଗୋଷ୍ଠୀ ସେମାନଙ୍କ ନାମ ଅନଲାଇନରେ ପଞ୍ଜୀକରଣ କରାଇ ଜିମ୍, ବ୍ୟାଡମିଣ୍ଟନ, ଟେବୁଲ ଟେନିସ୍ ଖେଳିବାର ସୁବିଧା ହାସଲ କରିଛନ୍ତି। ତେବେ ଏହି ଇନ୍‌ଡୋର ଷ୍ଟାଡିୟମରେ ଡିଜିର ବ୍ୟବସ୍ଥା ନଥିବାରୁ ପ୍ରାୟ ସମୟରେ ହେଉଥିବା ବିଦ୍ୟୁତ୍ କାଟ ସମସ୍ୟା ସୃଷ୍ଟି କରୁଛି। ଯଦିଓ ସୋଲାର ଲାଇଟ୍‌ର ବ୍ୟବସ୍ଥା ରହିଛି; ଆବଶ୍ୟକ ସଂଖ୍ୟକ ଲାଇଟ୍ ନଥିବାରୁ ବିଦ୍ୟୁତ୍ କାଟ ସମୟରେ ଅନ୍ଧାରିଆ ରହୁଛି। ଫଳରେ ଖେଳାଳିମାନେ ଖେଳି ନପାରି ବସିରହୁଛନ୍ତି। ଯାହାକୁ ନେଇ ଖେଳାଳିମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ଷ୍ଟାଡିୟମ୍ ଗେଟ୍ ନିକଟରେ ପାଣିର ବ୍ୟବସ୍ଥା ନଥିବାରୁ ବାହାରେ କସରତ କରୁଥିବା ଖେଳାଳିମାନଙ୍କୁ ଫ୍ରେସ୍ ହୋଇ ଭିତରକୁ ଯିବାକୁ ସମସ୍ୟା ହେଉଛି। ସେହିଭଳି ଟେବୁଲ୍ ଟେନିସ୍‌ରେ ସ୍ୱଳ୍ପ ସଂଖ୍ୟକ ରେଜିଷ୍ଟ୍ରେସନ ହୋଇଥିବା ବେଳେ ଏଠାରେ ଶୀତତାପ ନିୟନ୍ତ୍ରକର ବ୍ୟବସ୍ଥା ରହିଛି।



ହେଲେ ଜିମ୍‌କୁ ବ୍ୟବହାର ପାଇଁ ବହୁମାତ୍ରାରେ ଯୁବକଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ବ୍ୟବହାର କରୁଥିବା ସତ୍ତ୍ୱେ ଏଠାରେ ଶୀତତାପ ନିୟନ୍ତ୍ରକର ବ୍ୟବସ୍ଥା ନାହିଁ। ସମ୍ପୃକ୍ତ ଷ୍ଟାଡିୟମ୍‌ର ପରିଚାଳନା ଦାୟିତ୍ୱରେ ଥିବା ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜଳସରପୁର ହାଇସ୍କୁଲରେ ଅଭିଭାବକ ଓ ଗ୍ରାମବାସୀ ପକାଇଲେ ତାଲା



**ସୋସୋ,୩।୪(ସମିସ):** ହାଟଡିହି ବ୍ଲକ ଗେଡ଼ମା ପଞ୍ଚାୟତ ଜଳସରପୁର ହାଇସ୍କୁଲ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗି ଶିକ୍ଷାଦାନ ବ୍ୟାଘାତ ଘଟୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବହୁବାର କହିବା ପରେ ଶିକ୍ଷକମାନେ ଶୁଣି ନଥିବାରୁ ମଙ୍ଗଳବାର ନରହରି ଚକ୍ର, ଜଳଧର ମଲ୍ଲିକ, ବିଭୂତି ଦାସ, ଅପର୍ତି ଦେହୁରି, ରମାକାନ୍ତ ମଲ୍ଲିକ, ପର୍ଶୁରାମ ଜେନା, ମିନହରି ବେହେରା, ପ୍ରଦିପ ଜେନାଙ୍କ ସମତେ ବହୁ ଗ୍ରାମବାସୀ ଓ ଅଭିଭାବକ ସ୍କୁଲ ଯାଇ ବିଦ୍ୟାଳୟରେ ତାଲା ପକାଇଥିଲେ। ପରେ କିଛି ଅଭିଭାବକ ପହଞ୍ଚି ତାଲା ଖୋଲିଥିଲେ। ଏହାକୁ ନେଇ ଆଜି ଶିକ୍ଷକ, ଅଭିଭାବକ ଓ ଗ୍ରାମବାସୀ ବସିବା ପରେ ବିଦ୍ୟାଳୟକୁ ସଠିକ୍ ଭାବେ ଚଳାଇବା ସହିତ ଶିକ୍ଷାଦାନ କରାଯିବାକୁ ନିଷ୍ପତ୍ତି ହୋଇଥିବା କୁହାଯାଇଛି।

## ବ୍ରଜବନ୍ଧୁ ବିଦ୍ୟାପୀଠରେ ଅବସରକାଳୀନ ସମ୍ବର୍ଦ୍ଧନା

**ଆନନ୍ଦପୁର,୩।୪(ସମିସ):** ଆନନ୍ଦପୁର ପୌରାଞ୍ଚଳରେ ଥିବା ବ୍ରଜବନ୍ଧୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ଦାସଙ୍କୁ ଆଜି ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ଚକ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଇଓ ଅଜିତ କୁମାର ବାରିକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପିତାମ୍ବର ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ହେମେନ୍ଦ୍ର କୁମାର ମହାନ୍ତି, ଓଷ୍ଟା କେନ୍ଦୁଝରର ଉପଦେଷ୍ଟା ଶାନ୍ତନୁ କୁମାର ମିଶ୍ର, କାଉନସିଲର କୃଷ୍ଣଚନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଦାସ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଭାବେ ବିଦ୍ୟାଳୟରେ ନିଜ ଶିକ୍ଷକତା ଜୀବନ ଅତିବାହିତ କରିଥିବା ସହିତ ତାଙ୍କର ଗୁଣାବଳୀ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟୀ ଶିକ୍ଷକ ଶ୍ରୀ ଦାସଙ୍କୁ ଉପଢ୍ୌକନ ଓ ବିଭିନ୍ନ ପ୍ରୀତି ଉପହାର ପ୍ରଦାନ କରାଯାଇଥିଲା।



ଶିକ୍ଷୟିତ୍ରୀ ଝରଣା ମଂଜରୀ ଓଝା କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ୱେତଲିନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅନିତା ସାହୁ, ଜ୍ୟୋସ୍ନା ମଂଜରୀ ନାୟକ, ସୁନିତା ଜେନା, ଅଳକା ନାଥ, ପଦ୍ମାବତୀ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ପାଟଣା,୩।୪(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ଟାଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦୀନବନ୍ଧୁ ସାହୁ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମକରଧ୍ୱଜ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପାଟଣା ଏବିଇଓ ବିଜୟ କୁମାର ଓଝା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଲାଲମୋହନ ମହାନ୍ତ, ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ବେଣୁଧର ସେଠୀ, ନବକିଶୋର ପୃଷ୍ଟି, କମଳାକାନ୍ତ ଚୌଧୁରୀ, ସଞ୍ଜୟ ସାହୁ, ଉଗ୍ରେସନ ନାଏକ ପ୍ରମୁଖ ଯୋଗଥିଲେ। ଶିକ୍ଷକ ଶ୍ରୀ ସାହୁ ଜଣେ ଛାତ୍ର ଓ ବନ୍ଧୁବତ୍ସଳ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ଶିକ୍ଷକ ଭାବେ ବେଶ ଜଣାଶୁଣା ବୋଲି ଅତିଥିମାନେ ମତବ୍ୟକ୍ତ କରି ତାଙ୍କ ଅବସର ଜୀବନ ସୁସ୍ଥ ଓ ନିରାମୟ କାମନା କରି ସମ୍ବର୍ଦ୍ଧିତ କରାଯାଇଥିଲା।



# ଜଟିଳ ହେଉଛି ଗୁଜୁରି ମାର୍କେଟ ସମ୍ମୁଖ ଟ୍ରାଫିକ ସମସ୍ୟା

**କେନ୍ଦୁଝର,୩।୪(ସମିସ)**

କେନ୍ଦୁଝର ସହରରେ ଜନସଂଖ୍ୟା ଧିରେଧିରେ ବୃଦ୍ଧି ପାଇ ଚାଲିଥିବା ବେଳେ ଗାଡ଼ିମଟରର ସଂଖ୍ୟା ମଧ୍ୟ ବଢୁଛି। ପୂର୍ବରୁ ସହରରେ ବସବାସ କରୁଥିବା ଲୋକଙ୍କର ଗାଡ଼ିମଟର କମ ଥିଲା। ଏବେ ଘରେଘରେ ବାଇକ୍ ଏବଂ ଚାରିଚକିଆ ଯାନକୁ ମିଶାଇ ୩/୪ଟି ଲେଖାଏଁ ହେଲାଣି। ପୂର୍ବ ଅନୁପାତରେ ଲୋକଙ୍କର ଗାଡ଼ିମଟର ସଂଖ୍ୟା ଅନେକ ବଢ଼ିଛି। ବିଶେଷକରି ଦୁଇଚକିଆ ଯାନ ସଂଖ୍ୟା ସହରରେ ଅନୁମାନ ଠାରୁ ଅଧିକା ବୃଦ୍ଧି ପାଇ ଚାଲିଛି। କେନ୍ଦୁଝର ସହରର ଟ୍ରାଫିକ ଛକ ଏବଂ ରାସ୍ତାଘାଟ ଗୁଡ଼ିକ ସେତେ ଓସାର ନଥିବାରୁ ଗହଳି ବୃଦ୍ଧି ପାଇଚାଲିଛି। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ସଂଖ୍ୟା ମଧ୍ୟ ବୃଦ୍ଧି ହେଲାଣି। ସହରରେ ବହୁ ବଡ଼ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବୃଦ୍ଧି ହେଲାଣି। ମୁଖ୍ୟାଳୟରେ ସ୍କୁଲ କଲେଜ ସହିତ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ, ଇଞ୍ଜିନିଅରିଂ କଲେଜକୁ ପ୍ରତ୍ୟହ ଶହଶହ ଛାତ୍ରଛାତ୍ରୀ ପାଠପଢିବାକୁ ବାହାରୁ ଆସୁଛନ୍ତି। ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କେବଳ ଜିଲ୍ଲାର ନୁହେଁ ପଡ଼ୋଶୀ ଜିଲ୍ଲା ଏବଂ ରାଜ୍ୟରୁ ଲୋକେ ଉଚ୍ଚତର ଚିକିତ୍ସା ସେବା ପାଇଁ ଆସୁଛନ୍ତି। ଏଭଳି ଅବସ୍ଥାରେ



କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ସହରରେ ବିନା ପାର୍କିଂ ବ୍ୟବସ୍ଥାରେ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବଢୁଛି। ସହରର ଯେଉଁ ଆଡ଼କୁ ଗଲେ ଲୋକେ ରାସ୍ତା ଉପରେ ଗାଡ଼ିମଟର ରଖି ନିଜନିଜ କାମରେ ଘଣ୍ଟାଘଣ୍ଟା ରହୁଥିବାବେଳେ ରାସ୍ତାରେ ଅନ୍ୟଯାନଗୁଡ଼ିକ ଚଳାଚଳ କରିବା କଷ୍ଟକର ହେଉଛି। ବିଶେଷକରି ସହରର ମୁଖ୍ୟ ରାସ୍ତା ଭାବେ ପରିଗଣିତ ଶିରିପୁର ଠାରୁ ମଣ୍ଡୁଆ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଲାଣି। ଏହିକ୍ରମରେ ସହରର ଗୁଜୁରି ମାର୍କେଟ ସମ୍ମୁଖରେ ପ୍ରତ୍ୟହ ଟ୍ରାଫିକ ସମସ୍ୟା ଚିନ୍ତାଜନକ ରହିଛି। ବଜାରର ପ୍ରବେଶ ପଥରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପସରା ମେଲାଇ ବସୁଥିବାରୁ ସେଠାରେ ଟ୍ରାଫିକ ସମାସ୍ୟା ଅଧିକା ରହିଛି। ବଜାରକୁ ଆସୁଥିବା ଗ୍ରାହକମାନେ ନିଜନିଜର ବାହନ ଗୁଡ଼ିକ ପ୍ରବେଶ ପଥ ସମ୍ମୁଖରେ ବିନା ଦ୍ୱିଧାରେ ଥୋଇଦେଇ ଯାଉଛନ୍ତି। ତେଣୁ ଏହି ରାସ୍ତାରେ ଗାଡ଼ିମଟର ଚଳପ୍ରଚଳ କରିବାରେ ଅନେକ ସମୟ ନଷ୍ଟ ହେଉଛି। ପୁଲିସ ଏବଂ ପୌରପାଳିକା କର୍ତ୍ତୃପକ୍ଷ ସବୁ ଦେଖୁଥିଲେ ମଧ୍ୟ କହିବାକୁ କେହି ନାହିଁ। ସହରରେ ସିସିଟିଭି ଲାଗିଛି। କିନ୍ତୁ କେବଳ ଏହା ହେଲମେଟ ଚେକ୍‌ପାଇଁ ବୋଲି ସହରବାସୀ କହୁଛନ୍ତି। ହେଲମେଟ ପିନ୍ଧି ନଥିଲେ ଯେପରି ଫାଇନ ଆଦାୟ ହେଉଛି ରାସ୍ତା ଉପରେ ଗାଡିମଟର ଛାଡି ଘଣ୍ଟାଘଣ୍ଟା ଚାଲି ଯାଉଥିବା ଲୋକ ଏବଂ ବ୍ୟବସାୟୀଙ୍କ ଗାଡିଗୁଡ଼ିକୁ କାହିଁକି ଜରିମନା କରାଯାଉନାହିଁ ତାହା ବୁଝାପଡୁ ନାହିଁ। ଅନ୍ୟପକ୍ଷରେ ଫଳ ଦୋକାନୀ, ପରିବାବାଲା, ଫୁଟପାଥ ବ୍ୟବସାୟୀ, ଅଟୋବାଲା, ଠେଲାବାଲା, ରବିବାର ସହରରେ ରାସ୍ତା ଉପରେ ହାଟ ଖୋଲିବା କାରଣରୁ ଟ୍ରାଫିକ ସମସ୍ୟା ଅଧିକ ବିଗୁଡୁଛି। ସହର ମଧ୍ୟରେ ପାର୍କିଂ ଫି ଆଦାୟ କରି ଗାଡ଼ିଗୁଡ଼ିକୁ ବ୍ୟବସ୍ଥିତ ଢଙ୍ଗରେ ରାସ୍ତାକଡ଼ରେ ପାର୍କିଂ ବ୍ୟବସ୍ଥା କରିବା କିମ୍ବା ବେଆଇନ ଭାବେ ରାସ୍ତା ଉପରେ ରଖୁଥିବା ଗାଡ଼ିମଟର ଉପରେ ଜରିମାନା ଆଦାୟ ହୋଇପାରିଲେ ସହରର ଟ୍ରାଫିକ ବ୍ୟବସ୍ଥା ବ୍ୟବସ୍ଥିତ ହୋଇପାରନ୍ତା ବୋଲି ଜନମତ ସୃଷ୍ଟି ହେଉଛି।

**ଡିଜିଟାଲ୍ ଯୁଗରେ ବେତାର ରାଜା**

# ନାରାୟଣଙ୍କ ସାଥିରେ ୫୨ ବର୍ଷର ରେଡ଼ିଓ

**ହାଟଡ଼ିହୀ,୩।୪(ସମିସ):** ଦିନକୁ ଦିନ ଆମ ସଭ୍ୟ ସମାଜ ଆଧୁନିକତାର ସ୍ପର୍ଶ ପାଇ ବେଶ୍ ଆଗକୁ ବଢ଼ି ଚାଲିଥିଲା ବେଳେ ଏବେବି ଅଧିକାଂଶ ସ୍ଥାନରେ ବେତାର (ରେଡ଼ିଓ) ଭଳି ଏକ ପୁରୁଣା ଯୁଗର ଖୁବ୍ ମନୋରଞ୍ଜନପୂର୍ଣ୍ଣ ସାମଗ୍ରୀର ଆଦର ଅଧିକାଂଶଙ୍କ ମଧ୍ୟରେ ଜୀବିତ ରହିଥିବା ଦେଖାଯାଇଛି। ବିଦ୍ୟୁତ୍ ବିହୀନ ସ୍ଥାନ ମାନଙ୍କରେ ମୋବାଇଲ୍ ଯେତିକି ଲୋକଙ୍କ ନିକଟତର ହୋଇପାରିଛି; ସେହି ତୁଳନାରେ ରେଡ଼ିଓ ଶ୍ରୋତାଙ୍କ ସଂଖ୍ୟା ମଧ୍ୟ ସେତିକି ଭରପୁର ରହିଛି। ଅନେକ ବୟୋଜ୍ୟେଷ୍ଠ ଶ୍ରୋତାଙ୍କ ମନରେ ଆଜିବି ରେଡ଼ିଓ ବସାବାନ୍ଧି ରହିଛି। ବେତାର ଶ୍ରୋତାଙ୍କ ମଧ୍ୟରୁ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ମରେଇଗାଁ ଗ୍ରାମର ସ୍ୱର୍ଗତ ବାବାଜୀ ସାହୁଙ୍କ ପୁଅ ନାରାୟଣ ସାହୁ(୫୯) ଅନ୍ୟତମ ଅଟନ୍ତି। ଆଧୁନିକ ଯୁଗରେ ବି ସେ ଆଜିଯାଏଁ ରେଡ଼ିଓକୁ କେବେ ଅଣଦେଖା କରି ଭୁଲିନାହାଁନ୍ତି। ନାରାୟଣ ବୟସର ଅପରାହ୍ଣରେ ବି ରେଡ଼ିଓକୁ ସେ ନିଜଠୁଁ ଅଧିକ ଭଲପାଆନ୍ତି। ଦୀର୍ଘ ୬୦ବର୍ଷ ପୂର୍ବେ ମରେଇଗାଁ ଛକରେ ବାପା କରିଥିବା ଏକ ଛୋଟିଆ ପାନ ଦୋକାନରୁ ନାରାୟଣଙ୍କ ବ୍ୟବସାୟ ଜୀବନ ଆରମ୍ଭ ହୋଇଛି। ଗତ ୫୨ବର୍ଷ ପୂର୍ବେ ବାପା କିଣିଥିବା ରେଡ଼ିଓକୁ ନାରାୟଣ ଆଜିବି ନିଜ ପାଖରେ ଖୁବ୍ ଯତ୍ନର ସହକାରେ ସାଇତି



ରଖିଛନ୍ତି। ବର୍ତ୍ତମାନ ସମୟରେ ବିଭିନ୍ନ ମନୋରଞ୍ଜନପୂର୍ଣ୍ଣ ବୈଦ୍ୟୁତିକ ସାମଗ୍ରୀ ବଜାରରେ ଉପଲବ୍ଧ ଥିଲେ ସୁଦ୍ଧା ନାରାୟଣ ସେଥିପ୍ରତି କେବେ ଆକୃଷ୍ଟ ହୋଇନାହାଁନ୍ତି। ତାଙ୍କ କହିବାନୁସାରେ ରେଡ଼ିଓ ଭଲ ତ ତାଙ୍କର ଦିନତମାମ ବେପାର ମିଜାଜ୍ ଭଲ ବୋଲି କହନ୍ତି। ତେବେ ୫୨ବର୍ଷ ତଳେ କିଣାଯାଇଥିବା ଉକ୍ତ ରେଡ଼ିଓଟି ଥରେ କିମ୍ବା ଦୁଇଥର ମେକାନିକ୍ ପାଖକୁ ମରାମତି ପାଇଁ ଯାଇଥିବା ବେଳେ ଆଜି ମଧ୍ୟ ଖୁବ୍ ସୁନ୍ଦର ଭାବେ ବାଜୁଛି। ପୂର୍ବରୁ ରେଡ଼ିଓଟି ବ୍ୟାଟେରୀ ଦ୍ୱାରା ଚାଲୁଥିଲା। କିନ୍ତୁ ଏବେ ବିଦ୍ୟୁତ୍ ହାତପାହାନ୍ତାରେ ଥିବାରୁ ନାରାୟଣ ସେଥିରେ ଏକ ବିଦ୍ୟୁତ୍ ତାର ଯୋଡ଼ି ସକାଳ ଠୁଁ ରାତି ଶୋଇବା ଯାଏଁ ରେଡ଼ିଓ ବଜାଇ ନିଜେ ମନୋରଞ୍ଜନ କରିବା ସହିତ ଦୋକାନକୁ ଆସୁଥିବା ଅନେକ ବରିଷ୍ଠ ଶ୍ରୋତାଙ୍କ ମନୋରଞ୍ଜନ କରିଥାନ୍ତି।

